## ମୋବାଇଲ ଜବତ, ଯୁବକ ଗିରଫ

ଭୁବନେଶ୍ୱର,(ବ୍ୟୁରୋ) ମହିଳାଙ୍କ ହାତରୁ ମୋବାଇଲ ଛଡ଼ାଇ ନେବା ସହିତ ସାଢେ ୪ ହଜାର ଟଙ୍କା ନେଇଯିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ସେ ହେଲେ ଗଞ୍ଜାମ ଜିଲାର ଅଶୋକ ଦାସ । ତାଙ୍କଠାରୁ ମୋବାଇଲ ଓ ସାଢେ ୪ ହଜାର ଟଙ୍କା ଜବତ କରାଯାଇଛି ସୂଚନାନୁସାରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଏସକେ ଛକରେ ଥିବା ନିଜ ଦୋକାନକୁ ଅଭିଯୋଗକାରିଣୀ ଯିବା ସମୟରେ ଅଭିଯୁକ୍ତ ପଛପାଖରୁ ଆସି ମହିଳାଙ୍କ ହାତରୁ ମୋବାଇଲ ନେଇ ଫେରାର ହୋଇଯାଇଥିଲେ । ଏନେଇ ମହିଳାଜଣଙ୍କ ଥାନାରେ ଅଭିଯୋଗ କରିଥିଲେ । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ ଉକ୍ତ ଥାନାରେ ୪ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡିଛି ।

## ସଂକ୍ଷେପରେ

### ଶିଶୁ ଯତ୍ନ ପାଇଁ କର୍ମଜୀବୀ ମହିଳାଙ୍କୁ ତାଲିମ

ଭୁବନେଶ୍ୱର,୮।୨ (ବ୍ୟୁରୋ): ଓୟୁଏଟିସ୍ଥିତ କମ୍ୟୁନିଟି ସାଇନ୍ସ କଲେଜରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଜୀବୀ ମହିଳାମାନେ କିପରି ଶିଶୁଙ୍କ ଯତ୍ନ ନେଇପାରିବେ ସେ ନେଇ କର୍ମଶାଳାରେ ବିସ୍ତୃତ ଆଲୋଚନା ସହ ତାଲିମ୍ ପ୍ରଦାନ କରାଯାଇଛି। ଡ଼ିନ୍ ପ୍ରଫେସର ତୃପ୍ତି ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ କୃଷି ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଡିନ୍, ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର ଓ ଆଞ୍ଚଳିକ ମେଡିକାଲ ଗବେଷଣା କେନ୍ଦ୍ରର ବରିଷ୍ଠ ଯୁଗ୍ମ ନିର୍ଦ୍ଦେଶକ ଡ. ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃଷି ବୈଜ୍ଞାନିକମାନଙ୍କୁ କର୍ମଜୀବୀ ମହିଳାମାନେ କିପରି ଶିଶୁମାନଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଉପରେ ବିଶେଷ ଧାନ ଦେଇପାରିବେ ସେ ଦିଗରେ ମତ ରଖିଥିଲେ । ଦେଶ ତଥା ରାଜ୍ୟର ଶିଶୁମାନେ କିପରି ଅପପୁଷ୍ଟି ଜନିତ ସମସ୍ୟାରୁ ବାହାରି ସୁସ୍ଥ ଜୀବନଯାପନ କରିପାରିବେ ସେ ସମ୍ପର୍କରେ ମହିଳାଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଶିବିରର ଆୟୋଜନ କରାଯାଇଥିଲା।

### ରସୁଲଗଡ଼ ଶିଳ୍ପାଞ୍ଚଳରୁ ହଟିଲା ଜବରଦଖଲ

ଭୁବନେଶ୍ୱର, ୮।୨ (ବ୍ୟୁରୋ):ରସୁଲଗଡ଼ ଶିଳ୍ପାଞ୍ଚଳରେ ଇଡ୍‌କୋ ପ୍ଲଟ ନଂ.୨୪, ୨୫ ଏବଂ ୪୦କୁ ଜବରଦଖଲ କରି ରହିଥିବା ଏକାଧିକ ପରିବାର ଓ ଦୋକାନ ଘରକୁ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏଠାରେ ରହୁଥିବା ରାଜୀବ ଆବାସ ଯୋଜନା(ରେ) ଅନ୍ତର୍ଗତ ୧୨ଟି ପରିବାରକୁ ନୀଳାଦ୍ରି ବିହାରସ୍ଥିତ ଟ୍ରାଞ୍ଜିଟ ହାଉସକୁ ସ୍ଥାନାନ୍ତର କରାଯାଇଛି। ଜବରଦଖଲ ଉଚ୍ଛେଦ ସମୟରେ ୮ଟି ଆଜବେଷ୍ଟସ ଘର, ୨ଟି ପଲିଥିନ ନିର୍ମିତ ଘର, ଗୋଟିଏ ସଂପ୍ରସାରଣ ଅଂଶ, ଗୋଟିଏ ଗାଡ଼ି ସର୍ଭିସିଂ ସେଣ୍ଟର ଭଙ୍ଗାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ରିଜର୍ଭ ପୋଲିସ ସମେତ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା।

### ମାଲିକାଣୀଙ୍କୁ ଦାଦାବଟି ମାଗି ପିଅନ ଗିରଫ

ଭୁବନେଶ୍ୱର,୮।୨(ବ୍ୟୁରୋ): ମାଲିକାଣୀଙ୍କ ଫଟୋ ଓ ତଥ୍ୟ ଭାଇରାଲ ଧମକ ଅଭିଯୋଗରେ ଜଣେ ପିଅନଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲାର ସତ୍ୟନାରାୟଣ ବାରିକ ଓରଫ ରାଜା। ତାଙ୍କ ଠାରୁ ଗୋଟିଏ ମୋବାଇଲ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମହିଳାଙ୍କ ସ୍ୱାମୀ ପୂର୍ବତଟ ରେଳ ବିଭାଗରେ ଚାକିରି କରୁଥିବା ବେଳେ ଉଭୟେ ୟୁନିଟ-୮ ଅଞ୍ଚଳରେ ରହୁଥିଲେ। ସେମାନଙ୍କ ଘରେ ଅଭିଯୁକ୍ତ ସତ୍ୟନାରାୟଣ ପିଅନ ଭାବେ କାମ କରୁଥିଲେ। ସତ୍ୟନାରାୟଣ ନିଜ ପାଇଁ ମୋବାଇଲ କିଣି ନ ପାରିବାରୁ ମାଲିକାଣି ତାଙ୍କର ପୁରୁଣା ମୋବାଇଲ୍‌କୁ ବ୍ୟବହାର କରିବା ପାଇଁ ଦେଇଥିଲେ। ହେଲେ ସେଥିରୁ ଡାଟା ଡିଲିଟ କରିବାକୁ ଭୁଲିଯାଇଥିଲେ। ସତ୍ୟନାରାୟଣ ଏହାର ଫାଇଦା ଉଠାଇ ସେଥିରେ ଥିବା ହ୍ୱାଟସ୍‌ଆପ ଚାଟ୍, ଫଟୋ ଏବଂ ଭିଡିଓ ସବୁକୁ ସଂଗ୍ରହ କରିବା ସହିତ ସେଗୁଡିକୁ ଆଧାର କରି ଟଙ୍କା ଦାବି କରିଥିଲେ। ଫଳରେ ଦମ୍ପତି ଅଭିଯୁକ୍ତଙ୍କୁ ୨ଲକ୍ଷ ଟଙ୍କା ଦେଇଥିଲେ।

# ୪ ମହିଳା ଗିରଫ, କଲୋନିବାସୀ-ପୋଲିସ ମୁହାଁମୁହିଁ

ଭୁବନେଶ୍ୱର,୮।୨(ବ୍ୟୁରୋ)

ଜଣେ ଯୁବକଙ୍କ ସହ ଅନୈତିକ ସମ୍ପର୍କ ସନ୍ଦେହରେ ଜଣେ ମହିଳାଙ୍କୁ ହାତଗୋଡ ବାନ୍ଧି ସୋମବାର ରାତିରେ ଅଟକ ରଖିବା ସହ ସର୍ବସମ୍ମୁଖରେ ମାଡ଼ ମାରିବା ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ ନିଜଆଡ୍ରୁ ମାମଲା ରୁଜୁ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିରେ ସଂପୃକ୍ତ ୪ ମହିଳାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଜଗନ୍ନାଥନଗର ଲେପ୍ରୋସି କଲୋନୀର ରଶ୍ମିତା ପାତ୍ର, ମଞ୍ଜୁଲତା ବାରିକ, ଜାମିନ ପ୍ରଧାନ ଓ ଲକ୍ଷ୍ମୀ ସିଂ। ତେବେ ଏମାନଙ୍କୁ ଗିରଫ ପାଇଁ ଯାଇଥିବାବେଳେ ପୋଲିସକୁ ହଟହଟା ହେବାକୁ ପଡିଥିଲା। କଲୋନୀ ବାସିନ୍ଦା ପୋଲିସର ଏହି ଗିରଫଦାରିକୁ ବିରୋଧ କରିବାରୁ ବହୁ ସମୟ ଧରି ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। କଲୋନୀବାସୀ ଗିରଫ ହୋଇଥିବା ମହିଳାଙ୍କୁ ଛାଡ଼ିବାକୁ ଦାବି କରି ବାଟ ଓଗାଳିଥିଲେ। ଉତ୍ତେଜନାତ୍ମକ ସ୍ଥିତିକୁ ଏଡ଼ାଇବା ପାଇଁ ସେଠାରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଶେଷରେ ବହୁ କଷ୍ଟରେ ପରେ ପୋଲିସ ୪ ଅଭିଯୁକ୍ତାଙ୍କୁ ଥାନାକୁ ଆଣିଥିଲା। ଏହାପରେ କଲୋନୀବାସୀ ମଞ୍ଚେଶ୍ୱର ଥାନା ଆଗରେ ଧାରଣା ଦେବା ସହ ହୋହଲ୍ଲା କରିଥିଲେ। ଥାନା ଅଧିକାରୀ ବହୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ହଟିଥିଲେ। ପୀଡିତା ଜଣକ ଧାର ଟଙ୍କା ମାଗିବାକୁ ଜଣେ ଯୁବକଙ୍କ ପାଖକୁ ଯାଇଥିବାବେଳେ ସେମାନଙ୍କ ମଧ୍ୟରେ ଖରାପ ସମ୍ପର୍କ ଥିବା ସନ୍ଦେହ କରି ଅଭିଯୁକ୍ତାମାନେ ଏପରି ନିର୍ଯାତନା ଦେଇଥିବା ପୋଲିସ କହିଛି।

ପୋଲିସ ସୂଚନାନୁଯାୟୀ, ପୀଡ଼ିତା ଜଣକ ଜଗନ୍ନାଥନଗର ଲେପ୍ରୋସି କଲୋନୀରେ ରହି ଦିନମଜୁରିଆ ଭାବେ କାମ କରନ୍ତି। ସେ ଉକ୍ତ କଲୋନୀର ଜଣେ ଯୁବକଙ୍କୁ ଟଙ୍କା ଧାରରେ ଦେଇଥିଲେ। ବାରମ୍ବାର ମାଗିବା ସତ୍ତ୍ୱେ ଯୁବକ ଜଣକ ଟଙ୍କା ନ ଦେବାରୁ ସେ ସୋମବାର ରାତିରେ ଟଙ୍କା ମାଗିବାକୁ ଉକ୍ତ ଯୁବକଙ୍କ ପାଖକୁ ଯାଇଥିଲେ। ହେଲେ ଉଭୟଙ୍କ ମଧ୍ୟରେ କିଛି ଖରାପ ସମ୍ପର୍କ ଥିବା ସନ୍ଦେହ କରି ମୁଖ୍ୟ ଅଭିଯୁକ୍ତା ରଶ୍ମିତା ପାତ୍ରଙ୍କ ସମେତ ୪ଜଣ ପୀଡିତା ମହିଳା ଓ ଯୁବକଙ୍କୁ କାବୁ କରିଥିଲେ। ହେଲେ ଯୁବକ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ଅଭିଯୁକ୍ତା ମହିଳାମାନେ ପୀଡ଼ିତାଙ୍କୁ ଧରି ଏକ ବିଦ୍ୟୁତ୍ ଖୁଣ୍ଟରେ କତାରଶି ସାହାଯ୍ୟରେ ବାନ୍ଧି ସର୍ବସମ୍ମୁଖରେ ମାଡ ମାରି ଲଜ୍ଜିତ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ପୀଡିତାଙ୍କୁ ଉଦ୍ଧାର କରିଥିଲା। ଏନେଇ ପୀଡିତା ଥାନାରେ କୌଣସି ଅଭିଯୋଗ ନ କରିବାରୁ ପୋଲିସ ନିଜଆଡ୍ରୁ ମାମଲା (ନଂ.୫୦/୨୩) ରୁଜୁ କରି ତଦନ୍ତ ପରେ ୪ଜଣଙ୍କୁ ଗିରଫ କରିଥିଲା।

**ମହିଳାଙ୍କୁ ଖୁଣ୍ଟରେ ବାନ୍ଧି ମାଡ ଘଟଣା**



ପୋଲିସ ୪ ଅଭିଯୁକ୍ତାଙ୍କୁ ଗିରଫ କରି ନେଉଛି ।



ବିଭିନ୍ନ ଦାବି ନେଇ ଅଲ୍ ଇଣ୍ଡିଆ ବିଏସ୍ଏନ୍ଏଲ୍ ପେନ୍‌ସନ ୱେଲଫେୟାର ଆସୋସିଏଶନ ଓଡ଼ିଶା ଶାଖା ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା ।

## କାନ୍ଥରେ ପୋଷ୍ଟର ମାରିଥିବାରୁ ବିଏମ୍‌ସିର ଏତଲା

### ଖରାପ ପରିମଳ ପାଇଁ ୨ ହୋଲ୍‌ସେଲ ଦୋକାନ ସିଲ୍

ଭୁବନେଶ୍ୱର, ୮।୨ (ବ୍ୟୁରୋ)

କାନ୍ଥବାଡ଼ରେ ପୋଷ୍ଟର ମାରି ସହରର ସୌନ୍ଦର୍ଯ୍ୟ ନଷ୍ଟ କରୁଥିବାରୁ ବୁଧବାର ଆଉ ୨ ଅନୁଷ୍ଠାନ ନାମରେ ଥାନାରେ ଏତଲା ଦେଇଛି ବିଏମ୍‌ସି। ବିଜେବି କଲେଜ, ଲୁଇସ୍ ରୋଡ୍‌ର ଏକ କାନ୍ଥରେ ବିଜ୍ଞାପନ ପୋଷ୍ଟର ମାରିଥିବାରୁ 'ଦି ଆର୍ଟ ସ୍କୋୟାର' ଅନୁଷ୍ଠାନ ନାମରେ ବଡଗଡ଼ ଥାନାରେ ବିଏମ୍‌ସି ପକ୍ଷରୁ ଏତଲା ଦିଆଯାଇଛି। ସେହିପରି ବରବାରି ଛକ, ଜାଗମରା ନିକଟସ୍ଥ ଏକ ଇଲେକ୍ଟ୍ରି ପୋଲ୍‌ରେ ବିଜ୍ଞାପନ ପୋଷ୍ଟର ମାରିଥିବାରୁ 'ଶ୍ରୀ ଫିଜିଓ କେୟାର' ନାମରେ ଖଣ୍ଡଗିରି ଥାନାରେ ଏତଲା ଦିଆଯାଇଛି। ଏହାଦ୍ୱାରା ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ସରକାରୀ ସମ୍ପତ୍ତିର ଅପବ୍ୟବହାର ହେଉଥିବା ଦର୍ଶାଯାଇଛି। ସେହିପରି ପରିମଳ ନିୟମ ଖିଲାପ କରିଥିବାରୁ ୱାର୍ଡ ନଂ ୫୧ ଅନ୍ତର୍ଗତ ଶତାବ୍ଦୀ ନଗରସ୍ଥିତ ଦୁଇଟି ହୋଲ୍‌ସେଲର ଦୋକାନକୁ ସିଲ୍ କରାଯାଇଛି। ଏମାନେ ଦୋକାନ ଆଖପାଖ ୫ମିଟର ପରିମିତ ଅଞ୍ଚଳକୁ ଅପରିଷ୍କାର ରଖିବା ସହ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାକୁ ପାଳନ କରୁନଥିଲେ। ପରିମଳ ନିୟମକୁ କଡ଼ାକଡ଼ି ଅନୁପାଳନ ନ କରିବା ପର୍ଯ୍ୟନ୍ତ ଉଭୟ ଦୋକାନ ସିଲ୍ ରହିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସହରକୁ ସ୍ୱଚ୍ଛ ଏବଂ ସୁନ୍ଦର କରି ଗଢିତୋଳିବା ପାଇଁ ନିରନ୍ତର ଭାବେ ପ୍ରୟାସ କରୁଛି ବିଏମ୍‌ସି। ଏଥିସହିତ ଜନସାଧାରଣଙ୍କୁ ପରିମଳ ରକ୍ଷା କରିବା ସହ କାନ୍ଥବାଡ଼ରେ ପୋଷ୍ଟର ମାରି କଦର୍ଥ ନ କରିବାକୁ ବାରଣ କରାଯାଉଛି। ମାତ୍ର କେତେଜଣ ଏହାକୁ ଅଣଦେଖା କରୁଥିବାରୁ ବିଏମ୍‌ସି କଡ଼ା ଆଭିମୁଖ୍ୟ ଗ୍ରହଣ କରୁଛି।

# ୧୦ରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

**ନିଜ କଲେଜରେ ଦୀକ୍ଷାନ୍ତ ଭାଷଣ ଦେବେ ରାଷ୍ଟ୍ରପତି**

- ୪ ଜଣ ପାଇବେ ସମ୍ମାନସୂଚକ ଡକ୍ଟରେଟ୍
- କାର୍ଯ୍ୟକ୍ରମକୁ ଗଣମାଧମକୁ ବାରଣ

ଭୁବନେଶ୍ୱର, ୮।୨(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଆସନ୍ତା ୧୦ ତାରିଖ ଅପରାହ୍ନ ୪ଟା ୧୫ରେ ଆରମ୍ଭ ହେବ। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀ ହୋଇଥିବାରୁ ତାଙ୍କୁ ସ୍ୱାଗତ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ରାଷ୍ଟ୍ରପତି ହେବା ପରେ ପ୍ରଥମଥର ପାଇଁ ନିଜ କଲେଜ ଆସୁଛନ୍ତି ରାଷ୍ଟ୍ରପତି ମୁର୍ମୁ। ଏହି ଉତ୍ସବରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ପ୍ରମୁଖ ଉପସ୍ଥିତ ରହିବେ। ଏହି ଅବସରରେ ୪ ବିଶିଷ୍ଟ ମହିଳାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯିବ। ଏଥିସହ ୨୨ଜଣଙ୍କୁ ସ୍ୱର୍ଣ୍ଣପଦକ ଦିଆଯିବ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହାବ୍ୟତୀତ ୨୦୨୨ ମସିହାର ୭,୪୩୦ ଛାତ୍ରୀଙ୍କୁ ଡିଗ୍ରୀ ସାର୍ଟିଫିକେଟ ମିଳିବ। ଯେଉଁଥିରେ ୨ ଜଣଙ୍କୁ ପିଏଚ୍‌ଡି, ୧୭ ଜଣଙ୍କୁ ଏମ୍‌ଫିଲ୍, ୭୪୭ ଜଣଙ୍କୁ ମାଷ୍ଟର ଡିଗ୍ରୀ, ୯୨ ଜଣଙ୍କୁ ବିଏଡ୍ ଏବଂ ୬,୫୭୨ ଜଣଙ୍କୁ ଯୁକ୍ତ୩ ଡିଗ୍ରୀ ମିଳିବ ବୋଲି ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ସମାବର୍ତ୍ତନ ଉତ୍ସବରେ ଗଣମାଧମକୁ ବାରଣ କରାଯାଇଛି। ଏନେଇ ଖବରଦାତାଙ୍କ ପ୍ରଶ୍ନରେ କୁଳପତି କହିଛନ୍ତି, ଆମକୁ ଯାହା ନିର୍ଦ୍ଦେଶ ଆସିଛି ଆମେ କରୁଛୁ। ଶୃଙ୍ଖଳିତ ଭାବେ ପ୍ରଚାର କରିବାକୁ ଖବରଦାତା ସମ୍ମିଳନୀ ଆୟୋଜନ କରିଛୁ। ରାଷ୍ଟ୍ରପତିଙ୍କ ଗସ୍ତରେ ଖବରଦାତାଙ୍କୁ ବାରଣ ପ୍ରସଙ୍ଗରେ ପଚାରିଲେ ମୁଁ ତାର ଉତ୍ତର ଦେଇପାରିବି ନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ବି ଆପଣମାନଙ୍କୁ ମନା କରାଯାଇଥିଲା। ଏବେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ମଧ ବାରଣ କରାଯାଇଛି ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସ୍ନାତକୋତ୍ତର ପରିଷଦ ଅଧକ୍ଷ ଚଣ୍ଡୀ ରଥ, ଲୋକସମ୍ପର୍କ ଅଧିକାରୀ ଡ. ମାନସ ବେହେରା, ସସ୍ମିତା ମହାନ୍ତି, ମଧୁସ୍ମିତା ପତି ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ୪୦ ପ୍ଲାଟୁନ ଫୋର୍ସ

**ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ହୋଟେଲରେ ହାଇ ଆଲର୍ଟ**

ଭୁବନେଶ୍ୱର,୮।୨(ବ୍ୟୁରୋ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାରଠାରୁ ଦୁଇଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ଭୁବନେଶ୍ୱରରେ ୪୦ ପ୍ଲାଟୁନ ପୋଲିସ ଫୋର୍ସ ଓ ୨୦୦ରୁ ଉର୍ଦ୍ଧ୍ୱ ଅଧିକାରୀ ମୁତୟନ ହେବେ। ଏଥିମଧ୍ୟରୁ ଟ୍ରାଫିକ ପରିଚାଳନାରେ ୫ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହେବେ। ରାଷ୍ଟ୍ରପତି ଶ୍ରୀଲିଙ୍ଗରାଜ ମନ୍ଦିର ଦର୍ଶନ କରିବା କାର୍ଯ୍ୟକ୍ରମ ଥିବାରୁ ବୁଧବାର ଲିଙ୍ଗରାଜ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି ଡିସିପି ପ୍ରତୀକ ସିଂ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଗୁରୁବାର ଫାଇନାଲ କାର୍‌କେଡ୍ ରିହର୍ସାଲ କରାଯିବ। ଏଥିପାଇଁ ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ହୋଟେଲ ଆଦିକୁ ହାଇ ଆଲର୍ଟରେ ରଖାଯାଇଛି ବୋଲି ସେ କହିଛନ୍ତି।

ରାଷ୍ଟ୍ରପତି ମୁର୍ମୁ ଶୁକ୍ରବାର ସକାଳ ୯ଟା ୪୫ରେ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀରୁ ବାହାରି ପୂର୍ବାହ୍ନ ୧୧ଟା ୪୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ବାହାରି ଉତ୍କଳ ମଣ୍ଡପରେ ହେବାକୁ ଥିବା ଜ୍ଞାନପ୍ରଭା ମିଶନର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ୧୨ଟାରୁ ୧ଟା ୧୫ରେ ମଣ୍ଡପରେ କାର୍ଯ୍ୟକ୍ରମ ସରିଲା ପରେ ରାଜଭବନ ଯିବେ। ସେଠାରେ କିଛି ସମୟ ବିଶ୍ରାମ ପରେ ଅପରାହ୍ନ ୩ଟା ୫୫ରେ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଅପରାହ୍ନ ୫ଟା ୧୫ରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ ବାହାରି ପୁଣି ରାଜଭବନ ଯିବେ। ସେଠାରେ ରାତ୍ର ଭୋଜନ ସହ ରାତ୍ର ରହଣି କରିବେ। ଶନିବାର ସକାଳ ୯ଟାରେ ରାଷ୍ଟ୍ରପତି ଲିଙ୍ଗରାଜ ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ କରିବା ପରେ କଟକ ଗସ୍ତ କରି ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନରେ ହେବାକୁ ଥିବା ଦ୍ୱିତୀୟ ଭାରତୀୟ ଧାନ କଂଗ୍ରେସକୁ ଉଦ୍‌ଘାଟନ କରିବେ। ପରେ ଭୁବନେଶ୍ୱର ଫେରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।



# ଖରା ପାଇଁ ଖୋଲିବ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍

- ୱାଟର ଏଟିଏମ୍, ନଳକୂପ କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱ
- କୋଇଲା ବ୍ୟବହାର ନିଷେଧ ନେଇ ଜାରିହେବ ଏସ୍‌ଓପି
- ନିର୍ମାଣ ଶ୍ରମିକଙ୍କ ପାଇଁ ସେଡ୍

ଭୁବନେଶ୍ୱର, ୮।୨ (ବ୍ୟୁରୋ)

ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଏମ୍‌ସି ଏବଂ ସମସ୍ତ ଲାଇନ୍ ବିଭାଗର ଅଧିକାରୀମାନେ ଥିଲେ। ଖରା ମୁକାବିଲା ପାଇଁ ୭ଦିନ ମଧ୍ୟରେ ନିଜର ଯୋଜନା ଜଣାଇବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ହୋଇଥିବା ନିଷ୍ପତ୍ତି ଅନୁସାରେ, ବିଏମ୍‌ସି ପକ୍ଷରୁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ। ସମସ୍ତ ୟୁପିଏଚ୍‌ସି, ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ହିଟ୍‌ୱେଭ୍ ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଦାନ କରାଯିବ। ସମସ୍ତଙ୍କ ପାଖରେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚିବା ନେଇ ବ୍ୟବସ୍ଥା କରାଯିବ। ଉଚ୍ଚସ୍ଥାନରେ ଥିବା ୱାର୍ଡଗୁଡିକରେ ପାଣି ଟ୍ୟାଙ୍କର ପହଞ୍ଚାଇବା, ୱାଟ୍‌କୋ ୱାଟର ଏଟିଏମ୍‌କୁ କାର୍ଯ୍ୟକ୍ଷମ କରାଇବା, ନଳକୂପଗୁଡିକୁ ବ୍ୟବସ୍ଥିତ କରାଇବା ମୁଖ୍ୟ ଦାୟିତ୍ୱ ରହିବ। ଚନ୍ଦକା ଜଙ୍ଗଲ, ମାର୍କେଟ କମ୍ପ୍ଲେକ୍ସ, ଅଳିଆ ଗଦା ନିଆଁ ରୋକିବାକୁ ଧ୍ୟାନ ଦିଆଯିବ। ସେହିପରି ବସ୍ତିରେ ନିଆଁ ନ ଲାଗିବା ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଏହାବାଦ୍ ବହୁ ଦୋକାନ, ରେଷ୍ଟୁରାଣ୍ଟ ଏବଂ ଭାଟି ଗୁଡିକରେ କୋଇଲା ବ୍ୟବହାର କରାଯାଉଛି। ଏହାଦ୍ୱାରା ଅଧିକ ଉତ୍ତାପ ସୃଷ୍ଟି ହୁଏ ଏବଂ ତାପମାତ୍ରା ଉପରେ ପ୍ରଭାବ ପଡ଼େ। ତେଣୁ ଏସବୁକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ଏସ୍‌ଓପି ଜାରି କରାଯିବ। ଅପରପକ୍ଷେ ନିର୍ମାଣ ଶ୍ରମିକମାନେ ଏକତ୍ର ହେଉଥିବା ବିଭିନ୍ନ ସ୍ଥାନଗୁଡିକରେ ଖରାରୁ ରକ୍ଷା ପାଇବା ପାଇଁ ସେଡ୍ ପକାଯିବ। ସେହିପରି ଜଳଛତ୍ର ଖୋଲିବାକୁ ଆଗ୍ରହୀ ଥିବା ବ୍ୟକ୍ତିବିଶେଷ, ସ୍ୱେଚ୍ଛାସେବୀ ସଂଗଠନ, ବିଭିନ୍ନ କମ୍ପାନୀମାନେ ଏନେଇ ଆବେଦନ କରିପାରିବେ। ବିଏମ୍‌ସି ପକ୍ଷରୁ ସେମାନଙ୍କୁ ଜାଗା ପ୍ରଦାନ କରିବ। ଏଥିସହ ପଶୁପକ୍ଷୀମାନଙ୍କ ପାଇଁ ମଧ ପାଣି ଯୋଗାଇବା ପାଇଁ ବ୍ୟବସ୍ଥା କରାଯିବ। ସାଧାରଣତଃ ଖରାଦିନେ ଖାଦ୍ୟ ଖରାପ ହୋଇଯାଏ। ତେଣୁ ଛୋଟ ବଡ଼ ହୋଟେଲ ତଥା ରାସ୍ତାକଡ଼ ଦୋକାନୀମାନେ ଯେପରି ଖରାପ ହୋଇଥିବା ଖାଦ୍ୟ ପରିବେଷଣ ନ କରିବେ ସେ ନେଇ ବିଏମ୍‌ସିର ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଦୃଷ୍ଟି ଦେବେ। ସମ୍ଭାବ୍ୟ ଖରାକୁ ଦୃଷ୍ଟିରେ ରଖି ଏହି ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି। ତେବେ ବର୍ତ୍ତମାନ ଖରାର ପ୍ରଭାବ ବିଶେଷ ନ ଥିବାବେଳେ ଏହାକୁ ନେଇ ଭୟଭୀତ ନ ହେବାକୁ ମେୟର ସୂଚନା ଦେଇଛନ୍ତି।

# 'ସମସ୍ତଙ୍କ ପାଇଁ ଘର' ଆଭିମୁଖ୍ୟ ସାକାର କରୁ ଓଏସ୍ଏଚ୍‌ବି: ମନ୍ତ୍ରୀ

**ରାଜ୍ୟ ଗୃହ ନିର୍ମାଣ ସଂସ୍ଥା କର୍ମଚାରୀ ସଂଘର ବାର୍ଷିକୋତ୍ସବ**

ଭୁବନେଶ୍ୱର,୮।୨(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା(ଓଏସ୍ଏଚ୍‌ବି) କର୍ମଚାରୀ ସଂଘର ୩୧ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଗୃହ ନିର୍ମାଣ ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ରାଜ୍ୟ ସରକାରଙ୍କର 'ସମସ୍ତଙ୍କ ପାଇଁ ଘର' ଆଭିମୁଖ୍ୟକୁ ସାକାର କରିବା ପାଇଁ ଗୃହ ନିର୍ମାଣ ସଂସ୍ଥା ସମସ୍ତଙ୍କୁ ସୁଲଭ ମୂଲ୍ୟରେ ଘର ତିଆରି କରି ଯୋଗାଇ ଦେଉ ଏବଂ ଏଥିପାଇଁ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି କହିଛନ୍ତି । ଏହି ଅବସରରେ ମନ୍ତ୍ରୀ ବିଭାଗୀୟ ସ୍ମରଣିକା ଉନ୍ମୋଚନ କରିଥିଲେ ।

ସଂଘର ସଭାପତି ମନୋଜ ମହାନ୍ତି ଉତ୍ସବରେ ପୌରୋହିତ୍ୟ କରି ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଗୃହ ନିର୍ମାଣ କ୍ଷେତ୍ରରେ ରାଜ୍ୟରେ ପ୍ରଥମ ସଂସ୍ଥା ଭାବେ ଉଭା ହୋଇ ବିଗତ ୫ ବର୍ଷ ଧରି ରାଜ୍ୟବାସୀଙ୍କୁ ଗୃହ ଯୋଗାଇ ଦେଇ ଅବିଚ୍ଛିନ୍ନ ଭାବେ ସେବା କରି ଆସୁଥିବା ବେଳେ ଏବେ ମଧ ଏ କ୍ଷେତ୍ରରେ ରାଜ୍ୟର ପ୍ରମୁଖ ସଂସ୍ଥା ଭାବେ କାର୍ଯ୍ୟ କରୁଛି ବୋଲି କହିଛନ୍ତି ।

ସଂସ୍ଥାର କର୍ମଚାରୀମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଏହା ସମ୍ଭବପର ହୋଇପାରିଛି ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍ଥାର ଅଧକ୍ଷ କଳିକେଶ ନାରାୟଣ ସିଂଦେଓ କହିଲେ, ଗୃହ ନିର୍ମାଣ ସଂସ୍ଥାର ଏକ ସମୃଦ୍ଧ ପରମ୍ପରା ଆଉ ଇତିହାସ ରହିଛି । ଏହାର ପୁନରୁଦ୍ଧାର କରି ଆଗାମୀ ଏକ ବର୍ଷ ମଧ୍ୟରେ ୫ ହଜାର ଫ୍ଲାଟ ତିଆରି କରିବାର ଲକ୍ଷ୍ୟ ରଖି ସଂସ୍ଥା କାର୍ଯ୍ୟ କରୁଛି ଏବଂ ଖୁବ୍ ଶୀଘ୍ର ବିଭିନ୍ନ ଯୋଜନା ମାଧ୍ୟମରେ ଆର୍ଥିକ ସମୃଦ୍ଧି ହାସଲ କରି ରାଜ୍ୟର୧ ନମ୍ବର ସଂସ୍ଥା ଭାବେ ଉଭା ହେବ ବୋଲି ସେ ପ୍ରକାଶ କରିଥିଲେ । ସଂସ୍ଥାର ପରିଚାଳନା ନିର୍ଦ୍ଦେଶିକା ସାଗରିକା ପଟ୍ଟନାୟକ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ସଂସ୍ଥାକୁ ଦ୍ରୁତଗତିରେ ଆଗେଇ ନେବା ପାଇଁ ଉଦ୍ୟମ ଜାରିରହିବ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର ସଚିବ ରଶ୍ମିତା ରାଣୀ ତରାସିଆ, ଉପସଭାପତି ବାବାଜୀ ପ୍ରତିହାରୀ,ସମ୍ପାଦକ ପ୍ରସନ୍ନ ଦାସ ପ୍ରମୁଖ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ଯୁଗ୍ମ ସମ୍ପାଦକ ମହାଦେବ ପଡ଼ିଆରି ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସଂଘର ସଦସ୍ୟମାନଙ୍କ ଦ୍ୱାରା ଗଣେଶ ମହାପାତ୍ରଙ୍କ ନିର୍ଦ୍ଦେଶନାରେ 'ସ୍ୱପ୍ନର ଘର' ନାଟକ ପରିବେଷିତ ହୋଇଥିଲା ।

# ଚାଙ୍ଗ୍ ଗୁଙ୍ଗ୍ ବିଶ୍ୱବିଦ୍ୟାଳୟ ସହ କାର୍ଯ୍ୟ କରିବ ଏମ୍ସ

**ସ୍ୱାସ୍ଥ୍ୟସେବାରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ**

ଭୁବନେଶ୍ୱର, ୮।୨(ବ୍ୟୁରୋ)

ଉନ୍ନତ ସ୍ୱାସ୍ଥ୍ୟସେବା ପରିଚାଳନା, ରୋଗ ଚିହ୍ନଟ, ନିରାକରଣ ଓ ଚିକିତ୍ସା କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ)ର ପ୍ରୟୋଗ ପାଇଁ ଭୁବନେଶ୍ୱର ଏମ୍ସ ତାଇୱାନର ଚାଙ୍ଗ୍ ଗୁଙ୍ଗ୍ ବିଶ୍ୱବିଦ୍ୟାଳୟ ସହିତ ମିଳିତ ଭାବେ କାର୍ଯ୍ୟ କରିବ। ଖୁବ୍‌ଶୀଘ୍ର ଏକ୍ଷେତ୍ରରେ ଗବେଷଣା ଓ ତାଲିମ ପାଇଁ ତାଇୱାନର ଏହି ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର ହେବାର ଯୋଜନା ରହିଛି ବୋଲି ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ଚାଙ୍ଗ ଗୁଙ୍ଗ୍ ବିଶ୍ୱବିଦ୍ୟାଳୟର ସୂଚନା ଇଞ୍ଜିନିୟରିଂ ବିଭାଗର ପ୍ରଫେସର ତଥା ଏଆଇର ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନ କୁମାର ସାହୁଙ୍କ ସହ ସାକ୍ଷାତ୍ ପରେ ଡା. ବିଶ୍ୱାସ ବୁଧବାର ଏହି ମତ ରଖିଛନ୍ତି। ସେ କହିଛନ୍ତି, ଜରୁରିକାଳୀନ କ୍ଷେତ୍ରରେ ଦ୍ୱରିତ ଚିକିତ୍ସା ନିମନ୍ତେ ରୋଗର ଶୀଘ୍ର ଚିହ୍ନଟ କରିବା ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ କର୍କଟ କିମ୍ବା ପକ୍ଷାଘାତ(ପାରାଲିସିସ୍/ବ୍ରେନ୍ ଷ୍ଟ୍ରୋକ୍) ରୋଗୀଙ୍କୁ ଡାକ୍ତରଖାନାର ଜରୁରିକାଳୀନ ବିଭାଗରେ ଭର୍ତ୍ତି କରାଯାଏ, ରୋଗୀଙ୍କୁ ଜରୁରିକାଳୀନ ଚିକିତ୍ସା ଯୋଗାଇବା ସବୁବେଳେ ଏକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ହୋଇଥାଏ। ତେଣୁ ରୋଗର ଦ୍ୱରିତ ଚିହ୍ନଟ ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ପ୍ରୟୋଗ ବଡ଼ ଆବଶ୍ୟକତା।

ସୂଚନାଯୋଗ୍ୟ, ତାଇୱାନର ଚାଙ୍ଗ୍ ଗୁଙ୍ଗ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ସାହୁ ଏମ୍ସର ଅଧ୍ୟାପିକା ଅଧ୍ୟାପକଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ପ୍ରୟୋଗ ନେଇ ଅନୁଷ୍ଠିତ ଆଲୋଚନାଚକ୍ରରେ ତଥ୍ୟ ରଖିଥିଲେ। ଯେତେବେଳେ କର୍କଟ କିମ୍ବା ମସ୍ତିଷ୍କାଘାତ/ପକ୍ଷାଘାତ ରୋଗୀଙ୍କୁ ଡାକ୍ତରଖାନାର ଜରୁରିକାଳୀନ ବିଭାଗରେ ଭର୍ତ୍ତି କରାଯାଏ, ସେତେବେଳେ ରୋଗ ଚିହ୍ନଟ ପାଇଁ ଡାକ୍ତରମାନେ ହିଷ୍ଟୋପାଥୋଲୋଜିକାଲ୍, ସିଟି, ସିଟିଏ ଏବଂ ଏମ୍ଆରଆଇ ଭଳି ବିଭିନ୍ନ ପ୍ରକାରର ପରୀକ୍ଷା କରିଥାନ୍ତି। ଉକ୍ତ ପରୀକ୍ଷାଗୁଡ଼ିକ ବିଭିନ୍ନ ଫର୍ମାଟରେ ରହିଥାଏ। ତାହାକୁ ଗଭୀର ଭାବେ ଅନୁଧ୍ୟାନ କରି ବିଶ୍ଳେଷଣ କରିବା ହେଉଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଏକ ଅଂଶ। ଇସ୍କେମିକ୍ ଷ୍ଟ୍ରୋକ୍, ଇଣ୍ଟ୍ରାକ୍ରାନିଆଲ୍ ଷ୍ଟେନୋସିସ୍, କଲୋରେକ୍ଟାଲ୍ କର୍କଟ ଏବଂ ଫୁସଫୁସ କର୍କଟ ଭଳି ରୋଗୀଙ୍କ ପରୀକ୍ଷା ରିପୋର୍ଟକୁ ବିଶ୍ଳେଷଣ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପଯୋଗୀ ହେବ ବୋଲି ପ୍ରଫେସର ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ ଭୁବନେଶ୍ୱର ଏମ୍ସ ମେଡିକାଲ ଅଧୀକ୍ଷକ ଦିଲୀପ କୁମାର ପରିଡ଼ା ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ଓ ଏଆଇର ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନ କୁମାର ସାହୁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୯ ଫେବୃୟାରୀ, ୨୦୨୩

## ଭାରସାମ୍ୟ ହରାଇ ଅଟୋ ଓଲଟିଲା, ଚାଳକ ଗୁରୁତର

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,(ଡି.ଏନ୍.ଏ.)- ଚୌଦ୍ୱାର ଥାନା ଅଧୀନ ୫୫ ନମ୍ବର ଜାତୀୟ ରାଜପଥର ଚାଉଳିଆ ପୋଲ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ଖାଲକୁ ଖସିପଡ଼ିଛି। ଏଥିରେ ଚାଳକ ଗୁରୁତର ହୋଇଥିବାବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ମଙ୍ଗୁଳି ଛକରୁ ରଙ୍ଗ ବସ୍ତା ନେଇ ଅଟୋ(ନଂ.ଓଡ଼ି୦୫ବିଏଫ-୬୬୨୮)ଟି ସ୍ଥାନୀୟ ଡିହସାହିକୁ ଯାଉଥିଲା। ଚାଉଳିଆ ପୋଲ ଅତିକ୍ରମ କରିବା ମାତ୍ରେ ଭାରସାମ୍ୟ ହରାଇ ଏକ ଖାଲରେ ଖସି ପଡିଥିଲା। ସ୍ଥାନୀୟ ଲୋକେ ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋ ଓ ରଙ୍ଗକୁ ଜବତ କରି ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ଏକକାଳୀନ ଘରଭଡ଼ା ଆଦାୟକୁ ବିରୋଧ

ଓଏସ୍ଆର୍‌ଟିସି ଅଧିକାରୀଙ୍କ ସହ ଆଲୋଚନା

କଟକ ଅଫିସ,୮।୨: ଓଡ଼ିଶା ରାଜ୍ୟ ପରିବହନ ନିଗମ(ଓଏସ୍ଆର୍‌ଟିସି)ର କଟକ ବାଦାମବାଡ଼ି କାର୍ଯ୍ୟାଳୟଠାରେ କରୋନା ସମୟର ଘରଭଡ଼ା ଓ ଜିଏସ୍‌ଟିକୁ ମିଶାଇ ବର୍ଦ୍ଧିତ ଏକକାଳୀନ ଘରଭଡ଼ା ଆଦାୟକୁ ବିରୋଧ କରାଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ବିଜେଡି କଟକ ଜିଲାର ସାଧାରଣ ସମ୍ପାଦକ ନିମାଇଁ ଚରଣ ବିଶ୍ୱାଳଙ୍କ ସହଯୋଗରେ ଓଏସ୍ଆର୍‌ଟିସି ଅଧିକାରୀଙ୍କ ସହ ବୁଧବାର ଆଲୋଚନା କରାଯାଇଛି। ବ୍ୟବସାୟୀ ସଂଘର କର୍ମକର୍ତ୍ତା ଓ ବ୍ୟବସାୟୀମାନଙ୍କ ଉପସ୍ଥିତିରେ ଏହାର ସମାଧାନ ଓ ଭଡ଼ା ପ୍ରଦାନର ସରଳୀକରଣ ପାଇଁ ଆଲୋଚନା କରାଯାଇଥିବା ଜଣାଯାଇଛି।

### ବୁଥ୍‌ସ୍ତରରୁ ସ୍ୱେଚ୍ଛାସେବୀ ଚୟନ ପାଇଁ ସଂକଳ୍ପ

କଟକ ସଦର,୮।୨(ଡି.ଏନ୍.ଏ.)- କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରଠାରେ ବୁଧବାର ଉତ୍କଳ ବିକାଶ ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳରେ ସେବାମୂଳକ କାର୍ଯ୍ୟକ୍ରମର ପ୍ରସାର ପାଇଁ ବୁଥ୍‌ସ୍ତରରୁ ସ୍ୱେଚ୍ଛାସେବୀ ବାଛିବା ନିମନ୍ତେ ସଂକଳ୍ପ ଗୃହୀତ ହୋଇଥିଲା। ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀଙ୍କ ଆହ୍ୱାନକ୍ରମେ ପ୍ରତି ପଞ୍ଚାୟତରୁ ୧୦୦ ଜଣ ଲେଖାଏ ସ୍ୱେଚ୍ଛାସେବୀଙ୍କୁ ୧ ମାସ ମଧ୍ୟରେ ବିକାଶ ପରିଷଦରେ ସାମିଲ କରାଯିବ ବୋଲି ଘୋଷଣା କରାଯାଇଥିଲା। ସନ୍ତୋଷ କୁମାର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଦେବୀ ପ୍ରସାଦ ପତି, ସୁରେଶ ଚନ୍ଦ୍ର ଜେନା, ଲକ୍ଷ୍ମୀଧର ଜେନା, ପ୍ରତାପ ଚନ୍ଦ୍ର ଜେନା, କରୁଣାକର ବେହେରା, ସଞ୍ଜୟ ସେଠୀ, ନିରଞ୍ଜନ ରାଉଳ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସଞ୍ଜୟ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଅନିରୁଦ୍ଧ ରାଉଳ, ଗାନ୍ଧୀ ଗୁରୁ ଦାସ ଓ ବିଜୟ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୧୦ରୁ ଫାଇଲେରିଆ ନିରାକରଣ ପାଇଁ ଔଷଧ ସେବନ

୨ ବର୍ଷରୁ କମ୍ ଶିଶୁ, ଗର୍ଭବତୀ, ରୋଗୀଙ୍କୁ ଔଷଧ ମନା

କଟକ ଅଫିସ, ୮।୨: ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଫାଇଲେରିଆ ବା ବାତଜ୍ୱର ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଜିଲାରେ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଶା, ଅଙ୍ଗନୱାଡି କର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ଘର ଘର ବୁଲି ବୟସ ଅନୁପାତରେ ଡିଇସି ଏବଂ ଆଲ୍‌ବେଣ୍ଡାଜୋଲ ବଟିକା ଲୋକମାନଙ୍କୁ ଖୁଆଇବେ। ଫାଇଲେରିଆ ବଟିକା ବର୍ଷକୁ ଥରେ, ୫ ରୁ ୬ ବର୍ଷ ଧରି ସେବନ କଲେ ଏହି ରୋଗ ସମ୍ପୂର୍ଣ ଭାବରେ ଦୂର ହେବ। ଫାଇଲେରିଆ ଔଷଧ ସମ୍ପୂର୍ଣ୍ଣ ଭାବରେ ପାର୍ଶ୍ୱପ୍ରତିକ୍ରିୟା ବିହୀନ। ୨ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଏବଂ ଅତ୍ୟଧିକ ଶାରୀରିକ ରୋଗୀଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଏହି ଔଷଧ ଖାଇପାରିବେ।

# ପେଟ୍ରୋଲ ପମ୍ପରେ ମିଳୁନି ସର୍ବନିମ୍ନ ସୁବିଧା

### କମ୍ପାନୀକୁ ସ୍ଥାୟୀ ଲୋକ ଅଦାଲତଙ୍କ ନୋଟିସ୍

କଟକ ଅଫିସ,୮।୨

ପେଟ୍ରୋଲ ପମ୍ପର ମାର୍କେଟିଂ ଗାଇଡ୍ ଲାଇନ୍ ଅନୁସାରେ ଖାଉଟିମାନଙ୍କୁ ସର୍ବନିମ୍ନ ସୁବିଧା ମିଳୁନାହିଁ। ପେଟ୍ରୋଲ ପମ୍ପକୁ ଆସୁଥିବା ଖାଉଟିମାନେ ଶୋଷଣର ଶିକାର ହେବା ସହ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ଥାୟୀ ଲୋକ ଅଦାଲତରେ ଦାଏର ଦୁଇଟି ପୃଥକ ଆବେଦନକୁ ବିଚାର ପାଇଁ ଗ୍ରହଣ କରାଯିବା ସହ ଯଥାଶୀଘ୍ର ପକ୍ଷ ରଖିବା ପାଇଁ ପେଟ୍ରୋଲ ପମ୍ପ କମ୍ପାନୀଗୁଡ଼ିକୁ ନୋଟିସ୍ ଜାରି କରାଯାଇଛି। ଖାଉଟିମାନଙ୍କ ସ୍ୱାର୍ଥର ସୁରକ୍ଷା ନିମିତ୍ତ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ରାଜକୁମାର ସାହୁ ଓ ପ୍ରଦୀପ କୁମାର ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଆବେଦନର ଶୁଣାଣି କରି ଏହି ନୋଟିସ୍ ପ୍ରଦାନ କରିଛନ୍ତି।

ଆଇନଜୀବୀ ଦିଲ୍ଲୀପ କୁମାର ପଟ୍ଟନାୟକ ଓ ବୀରକିଶୋର ପଣ୍ଡାଙ୍କ ପକ୍ଷରୁ ଦୁଇଟି ଆବେଦନରେ କଟକ ସ୍ଥାୟୀ ଲୋକ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପ୍ରଚଳିତ ମାର୍କେଟିଂ ଗାଇଡ୍ ଲାଇନ ଅନୁଯାୟୀ, ପେଟ୍ରୋଲ, ଡିଜେଲ ଅଥବା ସିଏନ୍‌ଜି ଗ୍ୟାସ୍ ଯାନରେ ଜାଳେଣି ଭର୍ତ୍ତି କରିବା ସମୟରେ ବିନାମୂଲ୍ୟରେ ଏୟାରପ୍ରେସର, ଶୁଦ୍ଧ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା, ପରିଷ୍କାର ଶୌଚାଳୟ ଆଦି ସୁବିଧା ଉପଲବ୍ଧ କରାଇବା ସହ ପେଟ୍ରୋଲିୟମ ତୈଳର ମୂଲ୍ୟ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସ୍ପଷ୍ଟ ଭାବେ ପ୍ରଦର୍ଶିତ କରାଯିବା କଥା। ଏଥିସହ ତୈଳର ଶୁଦ୍ଧତା, ମାପ, ଓଜନ ଯାଞ୍ଚ ପାଇଁ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବା ବ୍ୟବସ୍ଥା ରହିବାର ନିୟମ ରହିଛି। ହେଲେ କଟକ ଜିଲାରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକରେ ଏସବୁ ସୁବିଧା ଯୋଗାଇ ଦିଆଯାଉ ନ ଥିବା ଆବେଦନରେ ଦର୍ଶାଯାଇଛି। ଖାଉଟି ଏବେ ପେଟ୍ରୋଲ ଲିଟର ପିଛା ୧୦୪ ଟଙ୍କାରେ କିଣୁଥିବାବେଳେ ଯାନର ଚକାରେ ଏୟାରପ୍ରେସର ଦେବା ପାଇଁ ୧୦ରୁ ୨୦ ଟଙ୍କା ଅଧିକ ଖର୍ଚ୍ଚ କରୁଛି। ଏହାକୁ ବିନା ମୂଲ୍ୟରେ ଉପଲବ୍ଧ କରାଇବାର ଗାଇଡ୍ ଲାଇନ୍ ରହିଥିଲେ ମଧ୍ୟ ଉଲ୍ଲଂଘନ କରାଯାଉଛି। ବିଶେଷକରି ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିଃ, ଇଣ୍ଡିଆନ ଅଏଲ କର୍ପୋରେଶନ ଲିଃ, ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିଃ ଆଦି କମ୍ପାନୀର ପେଟ୍ରୋଲ ପମ୍ପଗୁଡ଼ିକ ପରିଚାଳିତ ହେଉଥିବାବେଳେ କମ୍ପାନୀଗୁଡ଼ିକର ସେଲ୍ସ ଅଫିସର ବା ରିଜିଓନାଲ ଅଫିସଗୁଡ଼ିକ ଖାଉଟିଙ୍କ ସର୍ବନିମ୍ନ ସୁବିଧା ଯୋଗାଣ ଦିଗରେ ଧ୍ୟାନ ଦେଉନାହାନ୍ତି। ଏହାଦ୍ୱାରା ଛାତ୍ର, ଯୁବକଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ହଇରାଣ ହେଉଛନ୍ତି।



୫ ଦଫା ଦାବି ନେଇ ସଫେଇ କର୍ମଚାରୀ ମହାସଂଘ ପକ୍ଷରୁ ବୁଧବାର କଟକ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ଝିଙ୍କ ଶିକାର କରି ଚାଲାଣ ବେଳେ ଶିକାରୀ ଗିରଫ

ବାଙ୍କୀ,୮।୨(ସ୍ୱ.ପ୍ର.)

ଝିଙ୍କ ଶିକାର କରି ଚୋରା ଚାଲାଣ କରୁଥିବା ବେଳେ ଜଣେ ଶିକାରୀଙ୍କୁ ବନ ବିଭାଗ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛି। ଏଭଳି ଘଟଣା ବାଙ୍କୀ ଥାନା ଅଧୀନ ତାଳବସ୍ତ ଫାଣ୍ଡି ଅଞ୍ଚଳରେ ଘଟିଛି। ଫାଣ୍ଡି ଅଧିକାରୀ ଅମରେନ୍ଦ୍ର ଦାସ ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ହଠାତ ଜଣେ ବ୍ୟକ୍ତି ସ୍ପିଡ୍‌ରେ ସ୍କୁଟି ଚଳାଇ ଯାଉଥିବା ଦେଖିଥିଲେ। ସନ୍ଦେହ ହେବାରୁ ପିଛା କରି ବ୍ରାହ୍ମଣୀ ଗାଁ ନିକଟରେ ସ୍କୁଟି ଅଟକାଇ ଚାଳକକୁ ତନଖି କରିଥିଲେ। ତନଖି ବେଳେ ସ୍କୁଟି ଡିକିରୁ ଗୋଟିଏ ମୃତ ଝିଙ୍କ ଜବତ କରିଥିଲେ। ଫାଣ୍ଡି ଅଧିକାରୀ ଦାସ ସ୍କୁଟିକୁ ଜବତ କରି ତାଳବସ୍ତ ଫାଣ୍ଡିକୁ ଆଣି ଚାଳକ ସହ ଅଟକ ରଖିଥିଲେ। ବୁଧବାର କଟକ ଜିଲା ଅବୈତନିକ ବନ ସଂରକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଓ ବାଙ୍କୀ ପୋଲିସ ଜଣାଇଥିଲେ। ଅବୈତନିକ ବନ ସଂରକ୍ଷକ ତ୍ରିପାଠୀ ଫାଣ୍ଡିରେ ପହଞ୍ଚି ଏ ସମ୍ପର୍କରେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଖୋର୍ଦ୍ଧା ବନଖଣ୍ଡ ରେଞ୍ଜ ଅଫିସର ଘଟଣାସ୍ଥଳକୁ ଆସି ତଦନ୍ତ କରିଥିଲେ। ଶିକାରୀଙ୍କ ଘର ଡମପଡ଼ା ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ନାମ ସୂର୍ଯ୍ୟକାନ୍ତ ଜେନା। ସେ ଝିଙ୍କକୁ ଶିକାର କରି ତା'ର ମାଂସ, ଚମଡ଼ା ଓ କାଠିକୁ ବାହାରେ ବିକ୍ରି କରିଥାନ୍ତି ବୋଲି ତଦନ୍ତ ସମୟରେ ଜଣାପଡିଛି। ଖୋର୍ଦ୍ଧା ବନଖଣ୍ଡ ରେଞ୍ଜ ଅଫିସର ଫାଣ୍ଡିରେ ଜବତ ମୃତ ଝିଙ୍କ, ତା'ର ଚମଡ଼ା ଏବଂ ସ୍କୁଟିକୁ ଜବତ କରିବା ସହ ଅଭିଯୁକ୍ତ ସୂର୍ଯ୍ୟକାନ୍ତଙ୍କୁ ଗିରଫ କରି ଖୋର୍ଦ୍ଧା କୋର୍ଟକୁ ଚାଲାଣ କରିଥିବା ଫାଣ୍ଡି ଅଧିକାରୀ ଦାସ ସୂତ୍ରରୁ ପ୍ରକାଶ।

# ଧାର୍ଯ୍ୟ ସମୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

### ଜାଇକା କାର୍ଯ୍ୟ ତଦାରଖ କଲେ ନଗର ଉନ୍ନୟନ ସଚିବ

କଟକ ଅଫିସ,୮।୨

କଟକ ମହାନଗର ନିଗମ ଅଞ୍ଚଳରେ ଚାଲିଥିବା ଜାଇକା କାର୍ଯ୍ୟକୁ ବୁଧବାର ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥାନନ୍ ସମୀକ୍ଷା କରିଛନ୍ତି। ଏନେଇ ବୁଧବାର କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡ଼ିଏ) କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡିଏ ଅଧ୍ୟକ୍ଷ ଅନିଲ ସାମଲ ଓ ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣଙ୍କ ସମେତ ଜାଇକାର ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ବକ୍ସିବଜାର ନିକଟ ପଚ୍ଚାପୋଲରୁ ମେରିଆବଜାର ପର୍ଯ୍ୟନ୍ତ ଚାଲୁ ରହିଥିବା ବକ୍ସଡ୍ରେନ୍ କାର୍ଯ୍ୟ ତଦାରଖ କରିଥିଲେ କମିଶନର। ପରେ ସେ ବଜ୍ରକବାଟି ନିକଟ ବଡ ନାଳ କାର୍ଯ୍ୟ ତଦାରଖ କରିବା ସହ ପ୍ରଫେସରପଡା ନିକଟ ବଡନାଳରେ ଚାଲିଥିବା ଜାଇକା କାର୍ଯ୍ୟ ବୁଲି ଦେଖିଥିଲେ। ଜାଇକା ମୁଖ୍ୟଯନ୍ତ୍ରୀ, ଅଧିକାରୀ ଓ ସହକାରୀ ଯନ୍ତ୍ରୀଙ୍କ ସହ ସେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ସିଏମ୍‌ସି କମିଶନର, ଦାୟିତ୍ୱରେ ଥିବା ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।


ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥାନନ୍ ଜାଇକା କାର୍ଯ୍ୟ ସମୀକ୍ଷା କରୁଛନ୍ତି।

# 'ସତ୍‌ମାର୍ଗରେ ଅଗ୍ରସର ହୁଅନ୍ତୁ ବିଦ୍ୟାର୍ଥୀ'


ସାରଳା ଭବନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

### ଚାଣକ୍ୟ ଷ୍ଟଡି ସର୍କଲର ବାର୍ଷିକ ଉତ୍ସବ

କଟକ ଅଫିସ, ୮।୨

ଚାଣକ୍ୟ ଷ୍ଟଡି ସର୍କଲର ବାର୍ଷିକ ଉତ୍ସବ କଟକ ସାରଳା ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ସତ୍‌ମାର୍ଗରେ ଅଗ୍ରସର ହୋଇ ସମାଜ କଲ୍ୟାଣରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ବିଷୟରେ କହିଥିଲେ। ସମାଜର ପ୍ରକାଶକ ତଥା ଲୋକସେବକ ମଣ୍ଡଳର ଚେୟାରମ୍ୟାନ ନିରଞ୍ଜନ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କ ଉଚ୍ଚାଭିଳାଷକୁ ଚରିତାର୍ଥ କରିବା ଦିଗରେ ଚାଣକ୍ୟ ଅନୁଷ୍ଠାନର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଓ ସଫଳତା ଲାଭ କରିଥିବା ୧୦୦ ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍ଥାର ନିର୍ଦ୍ଦେଶକ ଆର୍ଯ୍ୟଶଙ୍କର ମହାପ୍ରଶସ୍ତ ବାର୍ଷିକ ବିବରଣୀ ଓ ଡ. ଜିକା ରାୟ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଗାୟକ ଦେବାଶିଷ ସିହ୍ନାଙ୍କ ସମେତ ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଇନଜୀବୀ ଜ୍ଞାନାଲୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଲର ଯନ୍ତ୍ରାଂଶ ଜବତ, ୩ ଗିରଫ

ମଙ୍ଗୁଳି-ଜଗତପୁର,୮।୨(ଡି.ଏନ.ଏ.)

ରାସ୍ତା କାମରେ ନିୟୋଜିତ ରୋଲରକୁ ଭଡାସୂତ୍ରରେ ଆଣି କାଟି ବିକ୍ରି କରିବା ଅଭିଯୋଗରେ ଜଗତପୁର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଦରଘାବଜାର ଅଞ୍ଚଳର ସନ୍ତୋଷ କୁମାର ଗୁପ୍ତା, ଜଗତପୁର ଗୋପୀନାଥପୁରର ଦେବାନନ୍ଦ ମହନ୍ତ ଓ ଜଗତପୁର ଶିଳ୍ପାଞ୍ଚଳରେ କବାଡିଆ ଦୋକାନ କରିଥିବା କେନ୍ଦ୍ରାପଡ଼ା ହରିଅଙ୍କର ରମାକାନ୍ତ ମିଶ୍ର। ସେମାନଙ୍କ ପାଖରୁ କଟାହୋଇଥିବା ରୋଲର ଯନ୍ତ୍ରାଂଶ ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ମୋହନ ମିଶ୍ର ନାମକ ଜଣେ ଯୁବକ ନିଜକୁ ସିଭିଲ କଣ୍ଟ୍ରାକ୍ଟର ବୋଲି ପରିଚୟ ଦେବା ସହ ନକଲି କାଗଜପତ୍ର ଦେଖାଇ ଖୋର୍ଦ୍ଧା ଜିଲା ଆଦର୍ଶ ଥାନା ହାଉସିଂବୋର୍ଡ କଲୋନିର ତପନ କୁମାର ସାମନ୍ତରାୟଙ୍କଠାରୁ ଦୁଇଟି ରୋଲରକୁ ରାସ୍ତା କାମରେ ଲଗାଇବା ପାଇଁ ମାସକୁ ୫୦ ହଜାର ଟଙ୍କା ଭଡା ସୂତ୍ରରେ ଆଣିଥିଲେ। ପରେ ତପନ ଜାଣିବାକୁ ପାଇଥିଲେ ତାଙ୍କର ରୋଲର ରାସ୍ତା କାମରେ ନ ଲାଗି ଜଗତପୁର ନ୍ୟୁଶିଳ୍ପାଞ୍ଚଳ ପରିସରରେ ଥିବା ଏକ କବାଡିଆ ଦୋକାନରେ ଗ୍ୟାସ କଟର ସାହାଯ୍ୟରେ କଟାଯାଉଛି। ତୁରନ୍ତ ସେ ସେଠାରେ ପହଞ୍ଚି ଗୋଟିଏ ରୋଲର ସମ୍ପୂର୍ଣ୍ଣ କଟାଯାଇଥିବା ଓ ଅନ୍ୟଟି ଅଧା କଟା ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୬/୨୩) ରୁଜୁ କରିଛି। ଅପରପକ୍ଷରେ ମୋହନଙ୍କର ଠିକ୍ ଠିକଣା ଓ ପରିଚୟ ମିଳିପାରିନାହିଁ।

# ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଅସୁସ୍ଥ

### ଘରୋଇ ହସ୍ପିଟାଲରେ ଚିକିତ୍ସା

କଟକ ଅଫିସ,୮।୨

ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ଏବେ ଏକ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗତ ରବିବାର ରାତିରେ ସେ କୌଣସି କାରଣରୁ ଅସୁସ୍ଥ ହୋଇପଡିବାରୁ ଜରୁରୀ ଚିକିତ୍ସା ଆବଶ୍ୟକ ହୋଇଥିଲା। ତାଙ୍କ ପରିବାର ପକ୍ଷରୁ ତୁରନ୍ତ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିବାବେଳେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ଜଣାପଡିଛି। ରାଜ୍ୟର ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନ ଏସ୍‌ସିବି ମେଡିକାଲରେ ଡା. ମହାରଣାଙ୍କୁ ଉପଯୁକ୍ତ ଚିକିତ୍ସା ସେବା ପ୍ରଦାନ କରିବାରେ କ'ଣ ଏଭଳି ଅଭାବ ରହିଲା ଯେ ତାଙ୍କ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଏକ ଘରୋଇ ମେଡିକାଲକୁ ଆପଣେଇଲେ। ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ଚିକିତ୍ସା ଅନୁଷ୍ଠାନରେ ପରିଣତ କରିବା ପାଇଁ କାର୍ଯ୍ୟ ଜାରି ରଖିଛନ୍ତି। ରାଜ୍ୟର ମନ୍ତ୍ରୀ, ଅଧିକାରୀ ଘନ ଘନ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରୁଛନ୍ତି, ନିର୍ମାଣସ୍ଥଳ ପରିଦର୍ଶନ କରୁଛନ୍ତି। ଉନ୍ନୟନ କାର୍ଯ୍ୟ ପାଇଁ ବହୁ ମୂଲ୍ୟବାନ ତଥା ଅତ୍ୟାଧୁନିକ ଯନ୍ତ୍ରପାତି ସରକାର ଯୋଗାଇ ଦେଉଛନ୍ତି। ହେଲେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଯେତିକି ବିକଶିତ ହେବା କଥା ତାହା ହେଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଖୋଦ୍ ଏସ୍‌ସିବିର ଜଣେ ଅଧିକାରୀଙ୍କ ଚିକିତ୍ସା ସେଠି ନ ହୋଇ ଏକ ଘରୋଇ ହସ୍ପିଟାଲରେ ହେବାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଏନେଇ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଡା. ମହାରଣାଙ୍କ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଆବଶ୍ୟକ ଅନୁଯାୟୀ ଆଇସିୟୁ, କ୍ୟାବିନ୍‌ଠାରୁ ଆରମ୍ଭ କରି ଚିକିତ୍ସା ସମ୍ବନ୍ଧୀୟ ସୁବିଧା ଯୋଗାଇ ଦେବା ନିମନ୍ତେ ପ୍ରସ୍ତୁତି ରହିଥିଲା। ହେଲେ ତାଙ୍କ ପରିବାରର ନିଷ୍ପତ୍ତିକ୍ରମେ ଘରୋଇ ମେଡିକାଲରେ ତାଙ୍କର ଚିକିତ୍ସା କରାଯାଉଛି।

# ୧୦ ବର୍ଷରେ ଓକିଲ ଖର୍ଚ୍ଚ ୯୩ ଲକ୍ଷ

### ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ

କଟକ ଅଫିସ,୮।୨

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ୧୦ ବର୍ଷ ମଧ୍ୟରେ ବିଭିନ୍ନ ମାମଲାରେ ଓକିଲମାନଙ୍କ ପିଛା ୯୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏ ନେଇ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। ୨୦୦୧-୨୦୧୦ ମସିହା ପର୍ଯ୍ୟନ୍ତ ଏ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ସେ ସମ୍ପର୍କରେ ବୋର୍ଡ ପାଖରେ ସୂଚନା ନାହିଁ। ଏ ସମ୍ପର୍କରେ ଜାଣିବା ପାଇଁ ସୂଚନା ଅଧିକାର କର୍ମୀ ପ୍ରତାପ ମହାନ୍ତି ଆର୍‌ଟିଆଇରେ ଆବେଦନ କରିଥିଲେ। କେଉଁ ମାମଲାରେ ବୋର୍ଡ ଏତେ ଟଙ୍କା ଖର୍ଚ୍ଚ କରିଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁ ଯଦି ବ୍ୟବସ୍ଥିତ ଢଙ୍ଗରେ ହେଉଛି ତେବେ କୋର୍ଟ କଚେରି ବାବଦକୁ ଏତେ ଖର୍ଚ୍ଚ କାହିଁକି ହେଉଛି। କେଉଁ ମାମଲା ବାବଦକୁ କେଉଁ କେଉଁ ଓକିଲଙ୍କୁ କେତେ ଟଙ୍କା ଦିଆଯାଇଛି, ଉକ୍ତ ମାମଲା ନମ୍ବର ସହ ସମ୍ପୃକ୍ତ ଓକିଲଙ୍କ ନାମ ସୂଚନା ପ୍ରଦାନ କରାଯାଇନାହିଁ। ମାମଲାର ବର୍ତ୍ତମାନ ସ୍ଥିତି କ'ଣ ରହିଛି, ବୋର୍ଡ କେତୋଟି ମାମଲା ଜିତିଛି ଓ ହାରିଛି ସେ ସମ୍ପର୍କିତ ତଥ୍ୟ ମଧ୍ୟ ଲୁଚାଯାଇଛି। ଏ ସମ୍ପର୍କିତ ଅଭିଯୋଗର ଶୁଣାଣି ପାଇଁ ମହାନ୍ତି ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ସୂଚନା ଅଧିକାର ନିୟମ ଅନୁସାରେ ଆବେଦନର ୩୦ଦିନ ମଧ୍ୟରେ କେସ୍ ଫଏସଲା କରାଯିବା କଥା। ହେଲେ ୪୫ଦିନ ପରେ ମଧ୍ୟ ଶୁଣାଣି ହୋଇନାହିଁ କି ଅବଶିଷ୍ଟ ତଥ୍ୟ ପ୍ରଦାନ କରାଯାଇ ନାହିଁ। ଏଥିରେ ଏକ ବଡ କେଲେଙ୍କାରି ହୋଇଥିବା ଅନୁମାନ କରାଯାଉଛି। ଏ ସମ୍ପର୍କରେ ବୋର୍ଡ ସଭାପତି ରାମାଶିଷ ହାଜରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବିଭିନ୍ନ ଦାବି ନେଇ କାରଖାନା ସମ୍ମୁଖରେ ଧାରଣା

ଟାଙ୍ଗୀ(କଟକ), ୮।୨(ଡି.ଏନ୍.ଏ.)



ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଭଗତପୁରଠାରେ ଥିବା ଓରିଶା କଟନ ମିଲ୍(ଓସିଏମ୍) କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ସଂଘ ପକ୍ଷରୁ ବୁଧବାର ଧାରଣା ଦିଆଯାଇଥିଲା। ଏଥିସହ ସେଠାରେ ଆୟୋଜିତ ସଭାରେ ଡା. କେଶବ ଚନ୍ଦ୍ର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ଦୀର୍ଘଦିନରୁ ବନ୍ଦ ହୋଇ ପଡିଥିବା ଏହି କାରଖାନାର ପୂର୍ବତନ ଶ୍ରମିକମାନଙ୍କ ଅସୁବିଧାଗୁଡିକ ବିଷୟରେ ଏଠାରେ ଆଲୋଚନା କରାଯାଇଥିଲା। ଏଥିସହ ୫ଦଫା ସମ୍ବଳିତ ଦାବିପତ୍ର ଉକ୍ତ କାରଖାନା ଦାୟିତ୍ୱରେ ଥିବା ଅଧିକାରୀ ଚୈତନ୍ୟ ଷଡ଼ଙ୍ଗୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରର ନକଲ ପ୍ରଧାନମନ୍ତ୍ରୀ, ଶ୍ରମମନ୍ତ୍ରୀ ଓ ବୟନଶିଳ୍ପ ମନ୍ତ୍ରୀଙ୍କ ନିକଟକୁ ଡାକ ଯୋଗେ ପଠାଯାଇଥିଲା। ବନ୍ଦ କାରଖାନାକୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମିଳିତ ଭାବେ ହାତକୁ ନେଇ ଏହି ସ୍ଥାନରେ ଟେକ୍ସଟାଇଲ ପାର୍କ କରିବାକୁ ଦାବି ହୋଇଥିଲା। ନ୍ୟାଶନାଲ ଟେକ୍ସଟାଇଲ କର୍ପୋରେଶନ ଅଧୀନରେ ଥିବା ଉକ୍ତ କାରଖାନା ପରିସରରେ କୌଣସି ପିଏଫ୍ ଅଧିକାରୀ ରହୁନାହାନ୍ତି। ଏଥିଯୋଗୁ ଛଟେଇ ଅଥବା ଅବସରପ୍ରାପ୍ତ ଶ୍ରମିକ ସେମାନଙ୍କ ପିଏଫ୍ ସଂକ୍ରାନ୍ତୀୟ ସଂଶୋଧନ କରିପାରୁନାହାନ୍ତି। ଏଣୁ ପୂର୍ଣ୍ଣ ସମୟ ପାଇଁ ଜଣେ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ଦାବି ହୋଇଛି। ୧୯୯୫ ମସିହା ପର୍ଯ୍ୟନ୍ତ କାର୍ଯ୍ୟରତ ଶ୍ରମିକଙ୍କ ଇଏସ୍ଆଇ ସଂକ୍ରାନ୍ତୀୟ କାଗଜପତ୍ରକୁ କାରଖାନା ଅଧିକାରୀ ଇଏସ୍ଆଇ କାର୍ଯ୍ୟାଳୟରେ ଜମା ନ କରିବାରୁ ସେମାନେ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏଣୁ ସମସ୍ତ କାଗଜପତ୍ର ତୁରନ୍ତ ସମ୍ପୃକ୍ତ ବିଭାଗରେ ଜମା କରିବା ପାଇଁ ଦାବି ହୋଇଛି। ଏଥିସହ ସର୍ବନିମ୍ନ ପେନ୍‌ସନ୍ ୯ ହଜାର ଟଙ୍କା କରାଗଲେ ମହଙ୍ଗା ସମୟରେ ଶ୍ରମିକମାନେ କିଛି ପରିମାଣରେ ଉପକୃତ ହୋଇପାରନ୍ତେ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ଇପିଏଫ୍ ସଂଘର ପ୍ରେସିଡେଣ୍ଟ ରାଜକିଶୋର ସ୍ୱାଇଁ, ସେକ୍ରେଟାରି ବିନୋଦ ବେହେରା ଓ କଟକ ଜିଲା ସିଆଇଟିୟୁ ସଭାପତି ପୀତାମ୍ବର ଲେଙ୍କା ଉପସ୍ଥିତ ଥିଲେ। ଏ ସମ୍ପର୍କରେ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# କୃଷକଙ୍କ ମଧ୍ୟରେ ସଚେତନତା ପାଣି ପଞ୍ଚାୟତର ଆଭିମୁଖ୍ୟ

### ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

କଟକ ଅଫିସ, ୮।୨

ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପ୍ରତାପନଗରୀସ୍ଥିତ ଭୂମି ଓ ଜଳ ପରିଚାଳନା ପ୍ରତିଷ୍ଠାନ (ୱାଲ୍‌ମି)ଠାରେ ବୁଧବାର ପାଳିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ମଲ୍ଲିକ କହିଥିଲେ, ପାଣି ପଞ୍ଚାୟତକୁ ସୁଦୃଢ କରିବା ନିମନ୍ତେ ଚାଷୀ, ସ୍ଥାନୀୟ ପ୍ରତିନିଧି ଓ ସମ୍ପୃକ୍ତ ଅଧିକାରୀମାନେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବା ଦରକାର। ପାଣି ପଞ୍ଚାୟତ ନୀତିର ଆଭିମୁଖ୍ୟ ସମ୍ବନ୍ଧରେ କୃଷକ ଓ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସହଭାଗିତା ପରିଚାଳନାରେ ପାଣି ପଞ୍ଚାୟତ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ଜଳ ବ୍ୟବହାର ଦକ୍ଷତା ବୃଦ୍ଧି କରି ସ୍ୱଳ୍ପ ଜଳରେ ଅଧିକ ଫସଲ ଅମଳ ଉପରେ ଧ୍ୟାନ ଦେବାକୁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ କୃଷି ଓ ବୈଷୟିକ ମହାବିଦ୍ୟାଳୟ ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରାଧ୍ୟାପକ ପ୍ରଫେସର ରବୀନ୍ଦ୍ର ନାୟକ କହିଥିଲେ, ଭୂପୃଷ୍ଠ ଓ ଭୂତଳ ଉତ୍ସରୁ ଉପଲବ୍ଧ ଜଳର ଅଧିକାଂଶ କାର୍ଯ୍ୟ କୃଷିକାର୍ଯ୍ୟରେ ଲାଗିଥାଏ। ସେଚ ପ୍ରଣାଳୀର ସୁପରିଚାଳନା ଓ ରକ୍ଷଣାବେକ୍ଷଣ ଦ୍ୱାରା କୃଷକମାନଙ୍କ ହୃଦୟରେ ଜଳସେଚନ ପ୍ରଣାଳୀ ପ୍ରତି ନିଜସ୍ୱ ଭାବ ସୃଷ୍ଟି କରିହେବ। ଏଥିସହ ସେଚ ଜଳର ବ୍ୟବହାର ପ୍ରତି ସଚେତନତା ବୃଦ୍ଧି କରିବା ଓ ଚାଷୀମାନଙ୍କ ମଧ୍ୟରେ ମତଭେଦକୁ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଣି ପଞ୍ଚାୟତର ମୁଖ୍ୟ ଆଭିମୁଖ୍ୟ। ଏହି ଅବସରରେ ପାଣି ପଞ୍ଚାୟତ ବିଷୟବସ୍ତୁ ଉପରେ ଆଧାରିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ୱାଲ୍‌ମିର ଯୁଗ୍ମ ନିର୍ଦ୍ଦେଶକ ବିଜୟ ସେଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ଯୋଗଦେଇଥିଲେ। ଦେବୀପ୍ରସାଦ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ବିଧାୟକ ପ୍ରମୋଦ ମଲ୍ଲିକ ଓ ଅନ୍ୟ ଅତିଥିବୃନ୍ଦ।

**ଅନ୍ତର୍ମଣ୍ଡଳୀୟ ସାଂସ୍କୃତିକ ପ୍ରତିଯୋଗିତା**

ଜଟଣୀ,(ଡି.ଏନ୍.ଏ.): ଖୋର୍ଦ୍ଧା ରୋଡ ମଣ୍ଡଳ ଦ୍ୱାରା ଟ୍ରାଫିକ କଲୋନୀସ୍ଥିତ କଲ୍ୟାଣ ମଣ୍ଡପରେ ଅନ୍ତର୍ମଣ୍ଡଳୀୟ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତାରେ ସମ୍ବଲପୁର, ଖୋର୍ଦ୍ଧା ରୋଡ, ବିଶାଖାପାଟଣା, ମଞ୍ଚେଶ୍ୱର୍ ୱାର୍କସପ ଏବଂ ପୂର୍ବତଟ ରେଲୱେ ଜୋନାଲ ମୁଖ୍ୟାଳୟ, ଭୁବନେଶ୍ୱରର ଶ୍ରେଷ୍ଠ ସାଂସ୍କୃତିକ ସଙ୍ଗୀତ ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ ଏବଂ ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡର ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା ଅତିଥି ଭାବେ ଯୋଗଦେଇ ବିଜେତା ଦଳଙ୍କୁ ଟ୍ରଫି ଏବଂ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଆର୍‌ଏମ୍ (ଇନଫ୍ରା) ଏବଂ ମଣ୍ଡଳ ସାଂସ୍କୃତିକ ସଙ୍ଗଠନର ସଭାପତି ଅଶୋକ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡଳ ସାଂସ୍କୃତିକ ସଙ୍ଗଠନର ସଚିବ ରଞ୍ଜନ ମହାନ୍ତି ସଂଯୋଜନା କରିଥିଲେ।

# ଅଧ କୋଟିର ବ୍ରାଉନସୁଗାର ଧରାପଡ଼ିଲା

- ଗୋଟିଏ ପରିବାରର ୩ଜଣଙ୍କ ସମେତ ୪ ଗିରଫ
- ବିକ୍ରି ପାଇଁ ନୟାଗଡ଼ରୁ ଖୋର୍ଦ୍ଧାକୁ ଆସୁଥିଲେ

ଖୋର୍ଦ୍ଧା ଅଫିସ, ୮।୨

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ଖୋର୍ଦ୍ଧାର ୧୬ନଂ. ଜାତୀୟ ରାଜପଥ ଅନ୍ତର୍ଗତ ତୋଟାପଡ଼ା ଛକରୁ ପୋଲିସ ୫୬୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୫୬ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଏହି ଘଟଣାରେ ଗୋଟିଏ ପରିବାରର ମା, ବାପା, ପୁଅ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ସୁଷମା ମଲିକ (୩୬), ସ୍ୱାମୀ ଶିବ ମଲିକ (୪୨), ପୁଅ ଜୟପ୍ରକାଶ ମଲିକ ଓରଫ ବାଲିଆ (୨୧) ଏବଂ ନୟାଗଡ଼ ଜିଲା ରଣପୁର ଅଞ୍ଚଳର ପ୍ରତାପ କୁମାର ମହାପାତ୍ର (୩୩)। ଏମାନଙ୍କଠାରୁ ଗୋଟିଏ ଅଟୋ (ନଂ. ଓଡି-୦୨-ବିକେ-୨୦୯୮) ଜବତ ହୋଇଛି। ବୁଧବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ବ୍ରାଉନସୁଗାର ନୟାଗଡ଼ରୁ ଖୋର୍ଦ୍ଧା ଅଣାଯାଉଥିଲା ବୋଲି ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି। ଏହି ଅବସରରେ ଅତିରିକ୍ତ ଏସ୍‌ପି ଏସ୍.ଏନ୍. ମୁର୍ମୁ, ସଦର ଡିଏସ୍‌ପି ଦିଲୀପ ଦାସ, ଥାନାଧିକାରୀ ତାରିକ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

ଏସ୍‌ପି କହିଛନ୍ତି, ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ନୟାଗଡ଼ ପଟୁ ଏକ ଅଟୋରେ ୪ଜଣ ବ୍ରାଉନସୁଗାର ଧରି ଖୋର୍ଦ୍ଧା ଆଡ଼କୁ ଆସୁଥିବା ନେଇ ଖବର ମିଳିଥିଲା। ଏହା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ଦିଲୀପ ଦାସ ଓ ଥାନାଧିକାରୀ ତାରିକ ଅହମ୍ମଦଙ୍କ ନେତୃତ୍ୱରେ ଏସ୍‌ଆଇ ସୁକାନ୍ତ ଦଳାଇ, ସସ୍ମିତା ବେହେରା, ହାବିଲଦାର ବି.କେ. ପ୍ରତାପସିଂ, କନଷ୍ଟେବଲ ପି.କେ. ହରିଚନ୍ଦନ, ଏ.ଏମ୍. ଖାନଙ୍କୁ ନେଇ ଗଠିତ ଏକଟିମ୍ ତୋଟାପଡ଼ା ଛକ ନିକଟରେ ସାଦା ପୋଷାକରେ ପୂର୍ବରୁ ଛକି ରହିଥିଲେ। ସମ୍ପୃକ୍ତ ଅଟୋ ଉପରେ ସନ୍ଦେହ ହେବାରୁ ତାହାକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୫୬୦ ଗ୍ରାମ ବ୍ରାଉନସୁଗାର ମିଳିଥିଲା। ପୋଲିସ ସମ୍ପୃକ୍ତ ୪ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ନୟାଗଡ଼ରୁ ବ୍ରାଉନସୁଗାର ଆଣି ବିକ୍ରି ଲାଗି ଖୋର୍ଦ୍ଧା ଆସୁଥିବା ଜେରା ବେଳେ ସେମାନେ ସ୍ୱୀକାର କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ଦଫା ୨୧(ସି)/୨୯ରେ ଏକ ମାମଲା (ନଂ. ୮୬/୨୩) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୩ଜଣ ରହିଥିବା ଚର୍ଚ୍ଚାର ବିଷୟ ହୋଇଛି। ବ୍ରାଉନସୁଗାର କାରବାର ଧୀରେ ଧୀରେ ଖୋର୍ଦ୍ଧା ଅଞ୍ଚଳରେ କାୟା ବିସ୍ତାର କରିଚାଲିଛି।



ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଉଛନ୍ତି।

## ପରାମର୍ଶ ପାଇଁ ଏସ୍‌ପି ଦେଲେ ସିୟୁଜି ନମ୍ବର

ଏସ୍‌ପି କଟାରିଆ କହିଛନ୍ତି, ଖୋର୍ଦ୍ଧାକୁ ନିଶାମୁକ୍ତ କରିବା ଲାଗି ସ୍ୱତନ୍ତ୍ର ଡ୍ରାଇଭ ଚାଲିଛି। ସମସ୍ତ ଥାନାଧିକାରୀଙ୍କୁ ଏଥିଲାଗି ନିର୍ଦ୍ଦେଶ ଦିଆଯାଇଛି। ତେବେ ବ୍ରାଉନସୁଗାର କାରବାରରେ ମହିଳା ଓ ଯୁବକଙ୍କ ସମ୍ପୃକ୍ତିକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏସ୍‌ପି କହିଛନ୍ତି, ଯୁବ ସମାଜ ହିଁ ଦେଶର ଭବିଷ୍ୟତ। ଥରେ ନିଶାବଳୟରେ ଫସିଗଲେ, ବାହାରିବା କଷ୍ଟକର। ଏପରିକି କ୍ୟାରିୟର ନଷ୍ଟ ହୋଇଯିବ। ଯେଉଁମାନେ ଏଥିରୁ ମୁକୁଳିବାକୁ ଚାହୁଁଛନ୍ତି ମୋ' ସହିତ ସିଧାସଳଖ ଅଥବା ଏସ୍‌ପିଙ୍କ ସିୟୁଜି ନମ୍ବରରେ ଯୋଗାଯୋଗ କରିପାରିବେ। ମନସ୍ତତ୍ତ୍ୱବିତ୍‌ଙ୍କ ଦ୍ୱାରା ଉପଯୁକ୍ତ ପରାମର୍ଶର ବ୍ୟବସ୍ଥା କରାଯିବ। ଏଥିଲାଗି ଭୟ କରିବାର ଆବଶ୍ୟକତା ନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ଗୁପ୍ତ ରଖାଯିବ ବୋଲି ଏସ୍‌ପି କଟାରିଆ ପରାମର୍ଶ ଦେଇଛନ୍ତି।

## ବିଭିନ୍ନ ପ୍ରକଳ୍ପ ସମୀକ୍ଷା କରିଲା ଷ୍ଟାଣ୍ଡିଂ କମିଟି

ଖୋର୍ଦ୍ଧା ଅଫିସ,୮।୨

ଓଡ଼ିଶା ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟ ଜୟଦେବ ବିଧାୟକ ଅରବିନ୍ଦ ଢାଲୀ ଓ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଖୋର୍ଦ୍ଧା ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟଙ୍କ ସହିତ ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ଡିଆର୍‌ସିଏସ୍ ଅଳକା ଜେନା, ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ସଦସ୍ୟମାନେ ଜଟଣୀ ବ୍ଲକ ତରାବୋଇ ବୁଣାକାର ସୋସାଇଟି ଓ ଖୋର୍ଦ୍ଧା ବ୍ଲକର ବାଜପୁର ବୁଣାକାର ସୋସାଇଟି ପରିଦର୍ଶନ କରି ବୁଣାକାରମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ହସ୍ତତନ୍ତ, ବୟନ ହସ୍ତଶିଳ୍ପ ପକ୍ଷରୁ ଦିଆଯାଉଥିବା ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହିତ ଜିଲାର କିଛି ଧାନମଣ୍ଡି ପରିଦର୍ଶନ କରିଥିଲେ। ମଣ୍ଡିରେ ଧାନକିଣାରେ ସ୍ୱଚ୍ଛତା, ବିଶୁଦ୍ଧ ପାନୀୟଜଳ, ପ୍ରଚଣ୍ଡ ଖରାରୁ ରକ୍ଷା ପାଇବା ପାଇଁ ଛାମୁଣ୍ଡିଆ ବ୍ୟବସ୍ଥା ରହିଛି।

## ସଂକ୍ଷେପରେ

### ମାଲିକାଣୀଙ୍କୁ ବଟି ମାଗି ପିଅନ ଗିରଫ

ଭୁବନେଶ୍ୱର,୮।୨(ବ୍ୟୁରୋ): ମାଲିକାଣୀଙ୍କ ଫୋନ୍ ବ୍ୟବହାର କଲେ, ପରେ ସେଥିରେ ଥିବା ଫଟୋ ଏବଂ ତଥ୍ୟକୁ ଭାଇରାଲ କରିଦେବାକୁ ଧମକ ଦେଲେ। ଏଭଳି ଏକ ଅଭିଯୋଗରେ ଜଣେ ପିଅନଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ପିଅନ ହେଉଛନ୍ତି ଖୋର୍ଦ୍ଧା ଜିଲାର ସତ୍ୟନାରାୟଣ ବାରିକ ଓରଫ ରାଜା। ତାଙ୍କ ଠାରୁ ଗୋଟିଏ ମୋବାଇଲ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ ମହିଳାଙ୍କ ସ୍ୱାମୀ ପୂର୍ବତଟ ରେଳ ବିଭାଗରେ ଚାକିରି କରୁଥିବା ବେଳେ ଉଭୟେ ୟୁନିଟ-୮ ଅଞ୍ଚଳରେ ରହୁଥିଲେ। ସେମାନଙ୍କ ଘରେ ଅଭିଯୁକ୍ତ ସତ୍ୟନାରାୟଣ ପିଅନ ଭାବେ କାମ କରୁଥିଲେ। ସତ୍ୟନାରାୟଣ ନିଜ ପାଇଁ ଏକ ମୋବାଇଲ କିଣି ନ ପାରିବାରୁ ମାଲିକାଣି ତାଙ୍କର ଏକ ପୁରୁଣା ମୋବାଇଲ୍‌କୁ ସତ୍ୟନାରାୟଣଙ୍କୁ ବ୍ୟବହାର କରିବା ପାଇଁ ଦେଇଥିଲେ।

### ୨ ବଖରା ଜଳିଗଲା

ବୋଲଗଡ଼,୮।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅଧୀନ ପିଟୁକୁଳି ଗ୍ରାମ ବ୍ରାହ୍ମଣ ସାହିରେ ବୁଧବାର ଅଗ୍ନିକାଣ୍ଡ ଘଟି ଜଣେ ବ୍ୟକ୍ତିଙ୍କ ୨ ବଖରା ଚାଳ ଘର ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଏହି ଅଗ୍ନିକାଣ୍ଡରେ ସୁରଥ ବେହେରାଙ୍କର ୨ବଖରା ଚାଳ ଛପର ଜଳି ପାଉଁଶ ହୋଇଯାଇଥିବା ବେଳେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଖବର ପାଇ ବେଗୁନିଆ ଅଗ୍ନିଶମ କେନ୍ଦ୍ରରୁ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲେ। ପରେ ସରପଞ୍ଚ ଜୟନ୍ତୀ ପ୍ରଧାନ, ପିଟୁକୁଳି ସେବା ସମବାୟ ସମିତି ସଭାପତି ପବିତ୍ର ମୋହନ ମାଝୀ ଏବଂ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଅଗ୍ନିପିଡ଼ିତ ପରିବାର ନିକଟରେ ପହଞ୍ଚି ସରକାରୀ ସହାୟତା ଯୋଗାଇଦେବାକୁ ବ୍ଲକ ଏବଂ ତହସିଲ ପ୍ରଶାସନକୁ ଜଣାଇଥିଲେ।

### ଘର ତାଲା ଭାଙ୍ଗି ଚୋରି

ଯାଁଳା,୮।୨(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ରାଧାଚରଣପୁରୁ ଗ୍ରାମ ନିକଟରେ ଥିବା ଏକ ଘରର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଘରର ଆସବାବପତ୍ର ଚୋରି କରି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଉକ୍ତ ଅଞ୍ଚଳର ଅନ୍ତର୍ଯାମୀ ପଟ୍ଟନାୟକ। ଏ ନେଇ ସେ ଇନଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଉକ୍ତ ଥାନା ଅନ୍ତର୍ଗତ ରାଧାଚରଣପୁରୁ ରାସ୍ତାକଡରେ ଅନ୍ତର୍ଯାମୀଙ୍କ ଘର। ସେ ମଙ୍ଗଳବାର ଘରେ ନ ଥିବା ସମୟରେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଘରର ତାଲା ଭାଙ୍ଗି ଘରେ ଥିବା ଏକ ପାଣି ପମ୍ପ, ୫ ବସ୍ତା ସିମେଣ୍ଟ ଏବଂ ପାଣି ମୋଟର ଏବଂ ଗ୍ରୀଲ, ଝରକା ଆଦି ସାମଗ୍ରୀ ଚୋରି କରି ନେଇଛନ୍ତି। ସକାଳୁ ଅନ୍ତର୍ଯାମୀ ଘରେ ପହଞ୍ଚିବାବେଳେ ଘର ତାଲା ଭଙ୍ଗାଯାଇ ସାମଗ୍ରୀ ସବୁ ଚୋରି ହୋଇଥିବା ଦେଖି ଥାନାକୁ ଜଣାଇଥିଲେ। ସମସ୍ତ ଜିନିଷର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନ୍ତର୍ଯାମୀ କହିଛନ୍ତି।

# ନୀଳାମ୍ବୁ ମହୋତ୍ସବ ୨୦୨୩ ଉଦ୍‌ଘାଟିତ



ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ଖେଳପଡ଼ିଆରେ ନୀଳାମ୍ବୁ ମହୋତ୍ସବ ଉଦ୍‌ଘାଟନ ଅବସରରେ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

ଟାଙ୍ଗୀ(ଖୋର୍ଦ୍ଧା),୮।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ଖେଳପଡ଼ିଆରେ ନୀଳାମ୍ବୁ ମହୋତ୍ସବ ୨୦୨୩ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ବ୍ଲକ ଅଧ୍ୟକ୍ଷା ରିସ୍ମା ମାନଧାତା, ସାମାଜିକ କର୍ମୀ ପ୍ରକାଶ ଶ୍ରୀଚନ୍ଦନ, ସରପଞ୍ଚ କିଶୋର ବେହେରା ଯୋଗଦେଇଥିଲେ। ମହୋତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ମହୋତ୍ସବ କମିଟିର ଉପାଦେଷ୍ଟା ସଞ୍ଜୟ ପଟ୍ଟନାୟକ, ସାମ୍ବାଦିକ ସଂଘର ସମ୍ପାଦକ ମନୋଜ ପଟ୍ଟନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବ ଦ୍ୱାରା ଅଞ୍ଚଳର ପ୍ରତିଭାମାନେ ଲୋକଲୋଚନକୁ ଆସିବା ସହ ନିଜ କଳା ପ୍ରକାଶ କରିବାରେ ସୁଯୋଗ ମିଳିବ ବୋଲି ଅତିଥିମାନେ କହିଥିଲେ। ମହୋତ୍ସବ ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଚାଲିବ। ମହୋତ୍ସବ ପଡ଼ିଆରେ ଦୋଳି, ବିଭିନ୍ନ ସରକାରୀ ଓ ବେସରକାରୀ ଷ୍ଟଲ ପଡିଥିବା ବେଳେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ କେତେକ ଷ୍ଟଲ ପକାଇଛନ୍ତି। ଉଦ୍‌ଘାଟିତ ଦିବସରେ ବିଭିନ୍ନ କଳାକାରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସମ୍ବଲପୁରର ଲହରଙ୍ଗା ଟ୍ରାଇବାଲ ଆର୍ଟ ଆଣ୍ଡ୍ କଲଚରର କଳାକାରଙ୍କ ନୃତ୍ୟ ପରିବେଷଣ ବେଶ୍ ମନ ମୁଗ୍ଧକର ଥିଲା। ଦର୍ଶକମାନେ ମନୋରଞ୍ଜନ କାର୍ଯ୍ୟକ୍ରମକୁ ମନୋଭରି ଉପଭୋଗ କରିଥିଲେ।

## ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

ଖୋର୍ଦ୍ଧା ଅଫିସ,୮।୨

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀ ରାଣୀ ଗୁମାନସିଂ, ଜଳସମ୍ପଦ ଅତିରିକ୍ତ ଅଧୀକ୍ଷଣ ଯନ୍ତ୍ରୀ ବିଘ୍ନରାଜ ପୁରୋହିତ, ଖୋର୍ଦ୍ଧା ଅଧୀକ୍ଷଣ ଯନ୍ତ୍ରୀ ଇଂ ପ୍ରଦୀପ କୁମାର ବେହେରା, ନିର୍ବାହୀ ଯନ୍ତ୍ରୀ ଅକ୍ଷୟ ବେହେରା,ସହକାରୀ ଯନ୍ତ୍ରୀ ଇଂ ସୁରେନ୍ଦ୍ର କୁମାର ସାହୁ, ପ୍ରଭାସ ଚନ୍ଦ୍ର ପଟ୍ଟନାୟକ, ସ୍ମିତା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପାଣି ପଞ୍ଚାୟତ ପକ୍ଷ ପାଳନ ଉଦ୍ଦେଶ୍ୟ, କୃଷି ଓ ଜଳସେଚନ ଉପରେ ଆଲୋଚନା କରାଯାଇଥିଲା। ଜଳ ସଂରକ୍ଷଣ, ସୁଷମ ଖାଦ୍ୟ ବଣ୍ଟନ ଓ ସଦୁପଯୋଗ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସଂସ୍କୃତି ଭବନ ଆଗରେ ଜଳସମ୍ପଦ, ଉଦ୍ୟାନ ଓ କୃଷି ବିଭାଗ ଦ୍ୱାରା ୮ଟି ଷ୍ଟଲକୁ ଉଦ୍‌ଘାଟନ କରାଯାଇଛି।

## ଏସ୍‌ଭିଆଇଏମ୍-ଏସ୍‌ଭିସିଏସ୍‌ଏଭିର ବାର୍ଷିକ କ୍ରୀଡ଼ା ଉତ୍ସବ

ଭୁବନେଶ୍ୱର,୮।୨

ସ୍ୱାମୀ ବିବେକାନନ୍ଦ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଭିଜିଓଆଇ)ର ଅନ୍ୟତମ ଶିକ୍ଷାନୁଷ୍ଠାନ ଏସ୍‌ଭିଆଇଏମ୍ ଓ ଏସ୍‌ଭିସିଏସ୍‌ଏଭିର ଖୋର୍ଦ୍ଧାସ୍ଥିତ ବଣିଆଟାଙ୍ଗୀରେ ଅବସ୍ଥିତ କ୍ୟାମ୍ପସ ପରିସରରେ ୨ଦିନିଆ ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର କାର୍ଯ୍ୟକ୍ରମରେ ଜାତୀୟସ୍ତରର ବ୍ୟାଡ୍‌ମିଣ୍ଟନ ଖେଳାଳି ରଣଜିତ ବାଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟସ୍ତରର କବାଡ଼ି ଖେଳାଳି ଉପେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏପରିକି ସ୍ଥାନୀୟ ସାଇ ମନ୍ଦିରରୁ ଶିକ୍ଷାନୁଷ୍ଠାନର କ୍ୟାମ୍ପସ ପର୍ଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରା ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିଲା। ମଶାଲ ଯାତ୍ରାରେ ଅନୁଷ୍ଠାନର ଚେୟାରମ୍ୟାନ ଇଂ. ଆଶିଷ ପାତ୍ର, ଭାଇସ ଚେୟାରପର୍ସନ ଶର୍ମିଷ୍ଠା ଜେନା, ଡାଇରେକ୍ଟର ସୁବ୍ରତ ଚୌଧୁରୀ, ପ୍ରିନ୍ସିପାଲ ଡ. ରମେଶ ଚନ୍ଦ୍ର ରଥଙ୍କ ସମେତ ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକଗଣ ଯୋଗଦେଇଥିଲେ। ବିଜେତା ଛାତ୍ରୀଛାତ୍ରଙ୍କୁ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯାଇଥିଲା।

## ସରିଲା ହରିକେଶର ଗାଁ ମହୋତ୍ସବ




ହରିକେଶର ଗାଁ ମହୋତ୍ସବର ଉଦ୍‌ଯାପନ ଅବସରରେ ମଞ୍ଚାସୀନ ଅତିଥିମାନେ।

ବୋଲଗଡ଼,୮।୨(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ବଡ଼ କୁମାରୀ ପଞ୍ଚାୟତ ଅନ୍ତର୍ଗତ ହରିକେଶର ଗ୍ରାମରେ ଦୁଇଦିନ ଧରି ଚାଲିଥିବା ଗାଁ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସମ୍ପାଦକ ପ୍ରକାଶ କୁମାର ରାଉତରାୟଙ୍କ ଆବାହକତ୍ୱରେ ସ୍ଥାନୀୟ ଗ୍ରାମବାସୀ ଓ କମିଟି ସଦସ୍ୟଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ମହୋତ୍ସବକୁ ବିଧାୟକ ରାଜେନ୍ଦ୍ର କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ, ବ୍ୟଙ୍ଗ କଥାକାର ବ୍ରଜବିହାରୀ ସୁବୁଦ୍ଧି ଓ ସିନେ ତାରକା ଗୁଗୁଲି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମଙ୍ଗଳବାର ଉଦ୍‌ଯାପନ ସନ୍ଧ୍ୟାରେ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବନପାଳ ପ୍ରଦୀପ ପଟ୍ଟନାୟକ, ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପବିତ୍ର ମୋହନ ମାଝି, ସମ୍ମାନିତ ଅତିଥି ଭାବେ ରାଜସୁନାଖଳା ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଶେଷ ଅତିଥି ଭାବେ ବ୍ୟଙ୍ଗ କଳାକାର ବିଭୁ ମିଶ୍ର, ସିନେ ଅଭିନେତ୍ରୀ ଦୀପ୍ତିମୟୀ ମହାନ୍ତି ଓ କୀର୍ତ୍ତି ମହାନ୍ତି ପ୍ରମୁଖ ଯୋଗଦେଇ ନିଜର କଳା ପରିବେଷଣ କରି ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ଉଭୟ ଦିବସରେ ଗ୍ରାମର ଯୁବତୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ କଳାକାରମାନେ ସଂକୀର୍ତ୍ତନ, ଦାସକାଠିଆ, ଧୁଡୁକି, ଓ ଆଧୁନିକ, ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ଏହି ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମଭରା ମହୋତ୍ସବରେ ଲୋକ କଳା, ପାରମ୍ପରିକ ନୃତ୍ୟକୁ ମନଭରି ଉପଭୋଗ କରିଥିଲେ ଅଞ୍ଚଳବାସୀ। ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତରାୟ ଧନ୍ୟବାଦ ଦେଇଥିଲେ।

# ପ୍ରତିଭାଙ୍କୁ ଉତ୍ସାହିତ କରେ ପୁରସ୍କାର

**ସୂର୍ଯ୍ୟମଣି ସ୍ମାରକୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବ**

ବୋଲଗଡ଼,୮।୨(ଡି.ଏନ୍.ଏ.)

ବୋଲଗଡ ବ୍ଲକ ଆରିକମାରେ ଥିବା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ମହାପାତ୍ରଙ୍କ ବିଦାୟ କାଳୀନ ଉତ୍ସବ ପାଳନ ଅବସରରେ ପ୍ରଥମ ସୂର୍ଯ୍ୟମଣି ସ୍ମାରକୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବଟି ନବଗଠିତ ଆରିକମା ଗ୍ରାମ ଉନ୍ନୟନ ସମିତି ତରଫରୁ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ସହଯୋଗରେ କରାଯାଇଛି। ଶଙ୍କରପୁର, ଆରିକମା ଗ୍ରାମର ସ୍ୱର୍ଗତ ସୂର୍ଯ୍ୟମଣି ବେହେରାଙ୍କ ପୁତ୍ର ପୂର୍ଣ୍ଣଚନ୍ଦ୍ର ବେହେରା, ଡ. ବାସୁଦେବ ବେହେରା ଓ ଡ. ସୁଦର୍ଶନ ବେହେରାଙ୍କ ସହଯୋଗରେ ଚଳିତବର୍ଷ ପ୍ରଥମ କରି ସୂର୍ଯ୍ୟମଣି ଦେବୀଙ୍କ ସ୍ମୃତିରେ ଏହି ପୁରସ୍କାର ଗ୍ରାମର ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ପ୍ରଚଳନ କରାଯାଇଛି। ପ୍ରତ୍ୟେକ ବର୍ଷ ଏହି ପୁରସ୍କାର ପ୍ରଚଳନ ସହିତ ଗ୍ରାମର ସର୍ବାଙ୍ଗିନ ଉନ୍ନତି ନିମନ୍ତେ ପ୍ରଥମଥର ୧୨ଜଣ ସଭ୍ୟଙ୍କୁ ନେଇ ଆରିକମା ଗ୍ରାମ ଉନ୍ନୟନ ସମିତି ଗଠନ କରାଯାଇଥିଲା। ସମିତିରେ ଶିକ୍ଷକ ଭଗବାନ ମହାପାତ୍ର ସଭାପତି ଓ ଶିକ୍ଷକ ଅମରବର ସାହୁ ଉପସଭାପତି ଥିଲାବେଳେ, ଡ.ସୁଦର୍ଶନ ବେହେରା ସମ୍ପାଦକ ଏବଂ ପ୍ରଭାତ ସାହୁ କୋଷାଧକ୍ଷ ଅଛନ୍ତି। ଏହି ସମିତି ଦ୍ୱାରା ଗ୍ରାମର ବିଦ୍ୟାଳୟଗୁଡିକର ଦଶମ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀରୁ ସର୍ବୋଚ୍ଚ ନମ୍ବର ରଖିଥିବା ୪ ଛାତ୍ରୀଛାତ୍ର ସହ ୨୫ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା। ଶଙ୍କର ମହାପାତ୍ର ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ସୁଦର୍ଶନ ବେହେରା ଧନ୍ୟବାଦ ଦେଇଥିଲେ।

# କ୍ୱାର୍ଟରରେ ଜିତିଲା ଫ୍ରେଣ୍ଡସ୍ ପାରାଡାଇଜ



ଜଟଣୀ ଅଞ୍ଚଳରେ ବୁଦ୍ଧନାରାୟଣ ଫୁଟବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଉପସ୍ଥିତ ଅତିଥିଙ୍କ ସହ ଖେଳାଳିମାନେ।

**ବୁଦ୍ଧନାରାୟଣ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଜଟଣୀ,୮।୨(ଡି.ଏନ୍.ଏ.)

ଜଟଣୀ ଅଞ୍ଚଳରେ ବୁଦ୍ଧନାରାୟଣ ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏଶନ, ହରିପୁର ଦ୍ୱାରା ଆୟୋଜିତ ୧୦ମ ବୁଦ୍ଧନାରାୟଣ ଫୁଟବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯଇଛି। ଏହି କ୍ୱାର୍ଟରଫାଇନାଲ ମ୍ୟାଚ ଫ୍ରେଣ୍ଡସ୍ ପାରାଡାଇସ, କୁସୁମାଟି ଓ ପତିତପାବନ ଏଫ୍‌ସି ବ୍ରହ୍ମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ଟ୍ରାଇବ୍ରେକରର ସହାୟତା ନିଆଯାଇ ଥିବାବେଳେ ଫ୍ରେଣ୍ଡସ୍ ପାରାଡାଇସ କୁସୁମାଟି ୬-୫ ଗୋଲରେ ବ୍ରହ୍ମପୁରର ପତିତପାବନ ଏଫ୍‌ସିକୁ ପରାସ୍ତ କରିଥିଲା। ଅତିଥି ରୂପେ ଡେଲାଙ୍ଗ ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ଅମିୟ ପଣ୍ଡା, ସାମାଜିକ କର୍ମୀ କବିନ୍ଦ୍ର ପରିଡା, ପଞ୍ଚାୟତ ମହାବିଦ୍ୟାଳୟ ପ୍ରିନ୍ସିପାଲ ପବିତ୍ର ମୋହନ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କ୍ୱାର୍ଟର ଫାଇନାଲ ମ୍ୟାଚକୁ ରେଫ୍ରି ପ୍ରଫୁଲ୍ଲ ବେହେରା, ରମେଶ ପାଇକରାୟ ଓ ପ୍ରିୟବ୍ରତ ବାହିନୀପତି ପରିଚାଳନା କରିଥିଲେ। ଦୀପକ ଜେନା, ସୌମ୍ୟ ପରିଡା ଓ ଦୀପ୍ତି ଚମ୍ପତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଫାଇଲପତ୍ର ଯାଞ୍ଚ ସହ ତଦନ୍ତ ଆରମ୍ଭ

**ସିଉଳାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ପ୍ରସଙ୍ଗ**

- ଗ୍ରାମବାସୀ, ବିଭାଗୀୟ ଅଧିକାରୀଙ୍କୁ ପଚରାଉଚରା
- ମେଶିନ ବ୍ୟବହାର ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ

ଖୋର୍ଦ୍ଧା ଅଫିସ,୮।୨

ଖୋର୍ଦ୍ଧା ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଅନିୟମିତତା ଅଭିଯୋଗ ହେଉଛି। ଶ୍ରମିକଙ୍କ ପରିବର୍ତ୍ତେ ମେଶିନ କାମ କରୁଛି। ଏନେଇ ବ୍ଲକଠାରୁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ବିଭାଗୀୟ ଅଧିକାରୀମାନେ ବ୍ୟାପକ ହରିଲୁଟ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। କରୋନାଜନିତ କଟକଣା ହଟିବା ପରେ ପ୍ରବାସୀ ଓଡ଼ିଆଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧିକରୁ ଅଧିକ କାମ ଯୋଗାଇଦେବା ଲାଗି ରାଜ୍ୟ ସରକାର ଗୁରୁତ୍ୱ ଦେଇଥିଲେ। ଏଥିଲାଗି ଅଧିକ ଶ୍ରମ ଦିବସ ସୃଷ୍ଟି ସହ ସମସ୍ତ ଜବକାର୍ଡଧାରୀ ଯେପରି କାମ ପାଇବେ, ତାହା ସୁନିଶ୍ଚିତ କରିବାକୁ ସରକାର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜବକାର୍ଡଧାରୀ ହାତବାନ୍ଧି ବସିଥିବାବେଳେ ଜିଆର୍‌ଏସ୍, କନିଷ୍ଠଯନ୍ତ୍ରୀମାନେ ଠିକାଦାରଙ୍କ ଜରିଆରେ ମେଶିନ ଦ୍ୱାରା କାମ କରାଉଛନ୍ତି। ବେଗୁନିଆ, ବୋଲଗଡ ବ୍ଲକରେ ଏଭଳି ଏକାଧିକ ଅଭିଯୋଗ ସତ୍ତ୍ୱେ ପ୍ରଶାସନର ଉଦାସୀନତାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି।

ପ୍ରକାଶ ଯେ, ବୋଲଗଡ଼ ବ୍ଲକର ପିଟୁକୁଳି ପଞ୍ଚାୟତର ସିଉଳା ମୌଜାରେ ଏକ ଗୋଚର ଜମିରେ ଫିଲ୍ଡ ବଣ୍ଡିଂ ଏବଂ ପର୍କୋଲେସନ ଟ୍ୟାଙ୍କ ଯୋଜନାରେ ୨ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ମାଟି କାମ ପାଇଁ ଜବକାର୍ଡଧାରୀଙ୍କୁ ନିୟୋଜିତ ଲାଗି ବ୍ୟବସ୍ଥା ରହିଥିବାବେଳେ ମେଶନି ସାହାଯ୍ୟରେ କାମ କରାଯାଇଛି। ବିନା ସୂଚନା ଫଳକରେ କାମ ଚାଲିଥିବାବେଳେ ଦୁଇଟି ପର୍ଯ୍ୟାୟରେ ୭୮ଟି କାର୍ଯ୍ୟଦିବସ ସୃଷ୍ଟି ହୋଇଥିବା ମଷ୍ଟର ରୋଲରେ ଦର୍ଶାଇ ସରକାରୀ ଅର୍ଥ ହରିଲୁଟ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୧୩ ଜବକାର୍ଡଧାରୀଙ୍କ ମଧ୍ୟରୁ ୪ଜଣ ବରିଷ୍ଠ ନାଗରିକ ରହିଥିବା ବେଳେ ସେମାନେ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଜଣାପଡ଼ିଛି। ଏନେଇ ଗ୍ରାମବାସୀ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ଲୋକପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସରଜମିନ ତଦନ୍ତ ଆରମ୍ଭ ହୋଇଛି। ବୁଧବାର ଲୋକପାଳ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି କାଗଜପତ୍ର ଯାଞ୍ଚ ସହ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛନ୍ତି। ଅଭିଯୋଗକାରୀ ଏବଂ ବିଭାଗୀୟ ଅଧିକାରୀଙ୍କୁ ପଚରାଉଚରା କରିଛନ୍ତି। ପଞ୍ଚାୟତ ଏବଂ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ବିଭାଗ ଅଧୀନରେ ଚାଲିଥିବା କାର୍ଯ୍ୟ ସଂକ୍ରାନ୍ତ କାଗଜପତ୍ର ଯାଞ୍ଚ କରିବାବେଳେ ବିଭିନ୍ନ ପ୍ରକଳ୍ପରେ ଅନିୟମିତତା ହୋଇଥିବା ଜାଣିବାକୁ ପାଇଛନ୍ତି। ତେବେ ତଦନ୍ତ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ଦେବାକୁ ଟିମ୍ ମନା କରିଦେଇଛି। ଲୋକପାଳ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ପ୍ରଶସନ କି ପଦକ୍ଷେପ ନେବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଗୋଚର ଜମିରେ କିଏ କାମ କରିବାକୁ ଅନୁମତି ଦେବା ନେଇ ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ସୁରେଶ ମାନସିଂ ପ୍ରଶ୍ନ କରିଛନ୍ତି। ତେବେ ଏ ସମ୍ପର୍କରେ ବିଡିଓ କୌଣସି ପ୍ରତିକ୍ରିୟା ଦେଇ ନ ଥିବା ବେଳେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଏବଂ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ କହିଛନ୍ତି, ଏଭଳି ଅଭିଯୋଗ ପାଇବା ପରେ ଟେକ୍ନିକାଲ ଟିମ୍‌କୁ ତଦନ୍ତ ଲାଗି ଘଟଣାସ୍ଥଳକୁ ପଠାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମେଶିନ ବ୍ୟବହାର ହୋଇପାରିବ ନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




୮।୨।୨୦୨୩

| | |
|---|---|
| ୩,୩୭,୪୮୯ ଟଙ୍କା | |
| ସୁନା | ୩୩୦ ମିଲିଗ୍ରାମ୍ |
| ରୁପା | ୮.୭୫୦ ଗ୍ରାମ୍ |

## ସଂକ୍ଷେପରେ

### ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପନ୍ନ

ପୁରୀ ଅଫିସ, ୮।୨: ଫାଲଗୁନ ମାସ କୃଷ୍ଣପକ୍ଷ ତୃତୀୟା ତିଥି ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଦତ୍ତମହାପାତ୍ର ସେବକମାନେ ଏହି ଗୁପ୍ତ ନୀତିକୁ ସମ୍ପାଦନ କରିଥିଲେ। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡପଲାଗି ଏବଂ ପହୁଡ ଆଳତି ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା । ବନକ ଲାଗି ନୀତି ସମ୍ପାଦନା କରିବା ନିମନ୍ତେ ଦତ୍ତମହାପାତ୍ର ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେବକମାନେ ସଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ସେମାନେ ନୀତି ଶେଷ କରି ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ପରେ ଦର୍ଶନ ଆରମ୍ଭ ହୋଇଥିଲା। ବନକଲାଗି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା ।

### ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ସ୍ମୃତିଚାରଣ

ପୁରୀ ଅଫିସ, ୮।୨ : ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ସଫଳ ଅଭିନେତ୍ରୀ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ଦଶାହ ଉପଲକ୍ଷେ ମଙ୍ଗଳବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ ଏଥିରେ ଅଧକ୍ଷତା କରିଥିଲେ। ଅନୁଷ୍ଠାନର କୋଷାଧକ୍ଷ ଗଣେଶ ଚନ୍ଦ୍ର ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଗୁରୁ ଆର୍ତ୍ତତ୍ରାଣ ଶତପଥୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଲକ୍ଷ୍ମୀଧର ପୂଜାପଣ୍ଡା, ମନୋରମା ମହାନ୍ତି, ଲକ୍ଷ୍ମୀଧର ମହାନ୍ତି, ରାମକୃଷ୍ଣ ମହାପାତ୍ର, ବିକ୍ରମ ସାହୁ, ଗୋବିନ୍ଦ ମହାନ୍ତି, ନିରଞ୍ଜନ ସାମନ୍ତରାୟ, ପ୍ରଦ୍ୟୁମ୍ନ ମିଶ୍ର, ରୁପଶ୍ରୀ ମହାପାତ୍ର, ରାନୀ ମଲ୍ଲିକ୍ ଏବଂ ଅନ୍ୟ କଳାକାରମାନେ ଯୋଗଦେଇ ଲକ୍ଷ୍ମୀପ୍ରିୟାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ତାଙ୍କ ଝିଅ ସମସ୍ତ କାର୍ଯ୍ୟର ବନ୍ଦୋବସ୍ତ କରିଥିଲେ। ସଭାରେ ଅତିଥିମାନେ ଲକ୍ଷ୍ମୀପ୍ରିୟାଙ୍କ ଜୀବନୀ ଏବଂ ଅଭିନୟ ସମ୍ପର୍କରେ ଆଲୋକପାତ କରିଥିଲେ।

### ବ୍ଲକସ୍ତରୀୟ ଅଭିମୁଖୀକରଣ କାର୍ଯ୍ୟକ୍ରମ

କଣାସ,୮।୨(ସ୍ୱ.ପ୍ର.): ଆସନ୍ତା ୧୦ ତାରିଖ ଜାତୀୟ କୃମିନାଶକ ଦିବସ ଉପଲକ୍ଷେ ବୁଧବାର ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ସ୍ଥାନୀୟ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଏଚ୍‌ସି ଭାରପ୍ରାପ୍ତ ଅଧିକାରୀ ଡା. ରମେଶ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡା. ବିଶ୍ୱରଞ୍ଜନ ଜେନା, ସହଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକ ଓ ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ କୃମି ଯୋଗୁ ଛାତ୍ରୀଛାତ୍ରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ଏହାର ପ୍ରତିକାର ପାଇଁ ବିଦ୍ୟାଳୟସ୍ତରରେ ଆସନ୍ତା ୧୦ ତାରିଖରେ କୃମି ଦିବସ ଅବସରରେ ଛାତ୍ରୀଛାତ୍ରଙ୍କୁ କୃମି ବଟିକା ଖାଇବାକୁ ଦିଆଯିବ ବୋଲି କୁହାଯାଇଥିଲା। ସେହିଦିନ କୃମି ବଟିକା ଖାଇବାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କୁ ୧୭ ତାରିଖରେ ବଟିକା ପ୍ରଦାନ ପାଇଁ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣାସ ବ୍ଲକର ୧୭ଟି ସାଧନକେନ୍ଦ୍ରର ସାଧନକେନ୍ଦ୍ର ସଂଯୋଜକ ଯୋଗ ଦେଇଥିଲେ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଧନେଶ୍ୱର ସ୍ୱାଇଁ ଏଥିରେ ପ୍ରତ୍ୟକ୍ଷ ପରିଚାଳନା କରିଥିଲେ।

# ସୂର୍ଯ୍ୟମନ୍ଦିର ବେଢ଼ା ପ୍ରାଚୀର ନିର୍ମାଣ କାର୍ଯ୍ୟ ନିମ୍ନମାନର



ଏଏସ୍‌ଆଇ ପକ୍ଷରୁ ପ୍ରାଚୀର ନିର୍ମାଣ କାର୍ଯ୍ୟ ଚାଲିଛି ।

**■ ଉଚ୍ଚସ୍ତରୀୟ ତଦନ୍ତ ଦାବି**

କୋଣାର୍କ,୮।୨(ଡି.ଏନ୍.ଏ)

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ବେଢ଼ାର ଚତୁଃପାର୍ଶ୍ୱରେ ହୋଇଥିବା ପ୍ରାଚୀର ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଓ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଖବରରୁ ପ୍ରକାଶ, ସୂର୍ଯ୍ୟ ମନ୍ଦିର ବେଢ଼ାର ଚତୁଃପାର୍ଶ୍ୱରେ କେନ୍ଦ୍ର ସରକାରଙ୍କ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଶଶାଙ୍କଶେଖର ନାୟକଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ପ୍ରାଚୀର ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମଞ୍ଜୁର ହୋଇଛି। ହେଲେ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ପଥର, ଲୁଣିବାଲି, ନିମ୍ନମାନର ସିମେଣ୍ଟ ସହ ନିକୃଷ୍ଟ ମାନର ରଡ ବ୍ୟବହାର କରାଯାଇଛି। ଏନେଇ ସ୍ଥାନୀୟ କୋଣାର୍କ ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ ନାଗରିକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ବିଶ୍ୱ ଐତିହ୍ୟ ପର୍ଯ୍ୟଟନସ୍ଥଳୀ କୋଣାର୍କର ସୂର୍ଯ୍ୟ ମନ୍ଦିର ନିଜର ଐତିହ୍ୟ, ସଂସ୍କୃତି, ସ୍ଥାପତ୍ୟ ଓ କଳାକୃତି ପାଇଁ ବିଶ୍ୱବିଦିତ। ଏହି ବିଶ୍ୱସ୍ତରୀୟ ଐତିହ୍ୟ ସ୍ଥଳୀର ସୁରକ୍ଷା ପାଇଁ ପ୍ରାଚୀର ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ସ୍ଥାନୀୟ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଅନୁପସ୍ଥିତି ଓ ଦାୟିତ୍ୱହୀନତା ଖାମଖିଆଲ ମନୋଭାବ ଯୋଗୁ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ କାର୍ଯ୍ୟ କରାଯାଉଛି। ଏହାକୁ କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଓ ସଂସ୍କୃତି ବିଶାରଦ ମହଲରେ ନାପସନ୍ଦ କରାଯାଇଛି। କୋଣାର୍କ ଏଏସ୍‌ଆଇ ସ୍ଥାନୀୟ ଅଧିକାରୀ ଓ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ମଧୁଚନ୍ଦ୍ରିକା ନୀତି ଯୋଗୁ ପ୍ରାଚୀନ ଧର୍ମକୁ ଆଖିଠାର ସଦୃଶ ବୋଲି ସଂସ୍କୃତି ବିଶାରଦମାନେ ମତବ୍ୟକ୍ତ କରିଛନ୍ତି। ନିମ୍ନମାନର ପ୍ରାଚୀର ନିର୍ମାଣ କାର୍ଯ୍ୟ ସହ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟର ବର୍ତ୍ତମାନ ସୁଦ୍ଧା ସ୍ଥିତି କ'ଣ ରହିଛି, ସେନେଇ ଏଏସ୍‌ଆଇ ମହାନିର୍ଦ୍ଦେଶକ, ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଓ ପୁରୀ ଜିଲାପାଳଙ୍କ ଦ୍ୱାରା ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଗବେଷକ, ସଂସ୍କୃତି ବିଶାରଦ ଓ କୋଣାର୍କ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଏଏସ୍‌ଆଇ ସ୍ଥାନୀୟ ଅଧିକାରୀ ନିରୋଜ ସିଂକୁ ପଚାରିବାରେ ଗୁରୁବାର ଏହାର ତଦନ୍ତ କରିବେ। ଯଦି ଏପରି ନିମ୍ନମାନର କାର୍ଯ୍ୟ ଚାଲିଥିବ, ତେବେ ତାହାର ତଦନ୍ତ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଭୂକମ୍ପ ମୃତକଙ୍କ ଉଦ୍ଦେଶ୍ୟରେ ଦୀପଦାନ




ଶ୍ରୀମନ୍ଦିର ସମ୍ମୁଖରେ ଆସୋସିଏଶନ ଅଫ ଟୁଇଟର ଆକ୍ଟିଭିଷ୍ଟସ୍ ପକ୍ଷରୁ ଦୀପଦାନ କରାଯାଉଛି ।

ପୁରୀ ଅଫିସ, ୮।୨:

ସିରିଆ ଓ ତୁର୍କୀରେ ଘଟିଥିବା ଭୟଙ୍କର ଭୂମିକମ୍ପରେ ଶତାଧିକ ଲୋକ ପ୍ରାଣ ହରାଇଛନ୍ତି। ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ବୁଧବାର ଆସୋସିଏଶନ ଅଫ ଟୁଇଟର ଆକ୍ଟିଭିଷ୍ଟସ୍ (ଆଟା) ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ ଓ ନୀରବ ପାର୍ଥନା କରାଯାଇଛି। ଭୂମିକମ୍ପରେ ଆହତ ତଥା ପୀଡ଼ିତଙ୍କ ଆଶୁ ଆରୋଗ୍ୟ କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଗୋକୁଳ ରଞ୍ଜନ ଦାଶଙ୍କ ସମେତ ସେବାୟତ ଓ ଆଟାର ସମସ୍ତ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ତୁର୍କୀ ଓ ସିରିଆରେ ଭୂମିକମ୍ପର ତାଣ୍ଡବରେ ବର୍ତ୍ତମାନ ସୁଦ୍ଧା ୧୧ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ବେଳେ ୬୦ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି।

# ଗୁଣାତ୍ମକ ଶିକ୍ଷାଦାନ ପ୍ରତି ଶିକ୍ଷକ ଯତ୍ନବାନ ହୁଅନ୍ତୁ




ଜିଲା ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

**■ ଜିଲା ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ**

**■ ଜିଲାରେ ଆଉ ୧୦୦ ବିଦ୍ୟାଳୟର ରୂପାନ୍ତରଣ ହେବ**

ପୁରୀ ଅଫିସ, ୮।୨:

ପୁରୀ ଜିଲା ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ୩ଦିନିଆ ପ୍ରଧାନ ଶିକ୍ଷକ ସମ୍ମିଳନୀ ବୁଧବାରଠାରୁ ପୌର ସଦନ ପରିସରରେ ଆରମ୍ଭ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ଦାଶ ନିଜ ଅଭିଭାଷଣରେ କହିଥିଲେ, ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ପ୍ରତି ସରକାର ସଚେତନ ଅଛନ୍ତି। ସେହିପରି ଉତ୍ତମ ଶୈକ୍ଷିକ ପରିବେଶ ପାଇଁ ଶିକ୍ଷାୟତନଗୁଡ଼ିକୁ ବିକଶିତ କରୁଛନ୍ତି। ଯେପରି ଗୁଣାତ୍ମକ ମାନର ଶିକ୍ଷାଦାନ ହୋଇପାରିବ ଓ ପିଲାଙ୍କ ଫଳାଫଳ ଉନ୍ନତ ହେବ ସେଥିପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ବଜେଟରେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇ ୨୩ ପ୍ରତିଶତ ଅର୍ଥ ବ୍ୟୟ ବରାଦ କରାଯାଉଛି। ସରକାର ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ସହ ଶ୍ରେଷ୍ଠ ବିଦ୍ୟାଳୟ, ଶ୍ରେଷ୍ଠ ଶିକ୍ଷକଙ୍କୁ ପୁରସ୍କୃତ କରିବାର ବ୍ୟବସ୍ଥା କରିଛନ୍ତି। ଅନୁରୂପ ଭାବେ ଭଲ ରେଜଲ୍ଟ କରୁ ନ ଥିବା ବିଦ୍ୟାଳୟ ଓ ଶିକ୍ଷକଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଚିନ୍ତା କରିବାକୁ ସେ ମତ ଦେଇଥିଲେ। ଏଭଳି ଭାବେ ପ୍ରଧାନ ଶିକ୍ଷକମାନଙ୍କୁ ଏକତ୍ରିତ କରି ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ବିଦ୍ୟାଳୟର ସମସ୍ୟା ଦୂର ପାଇଁ ପଦକ୍ଷେପ ନିଆଯାଇଥିବାରୁ ଆୟୋଜକଙ୍କୁ ମନ୍ତ୍ରୀ ଦାଶ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଏ.ଏସ୍. ସରକାର ଯୋଗଦେଇ ଶିକ୍ଷାନୁଷ୍ଠାନର ବିକାଶ, ଖାଲିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ପ୍ରକ୍ରିୟାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଜିଲାପାଳ ସମର୍ଥ ବର୍ମା କହିଥିଲେ, ସମାଜ ପାଇଁ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟମନ୍ତ୍ରୀ ଶିକ୍ଷାକୁ ଗୁରୁତ୍ୱ ଦେଉଥିବାବେଳେ ଅଦ୍ୟାବଧି ଜିଲାରେ ୧୫୦ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ ହୋଇଛି ଏବଂ ଆଗକୁ ଆଉ ୧୦୦ଟିର ରୂପାନ୍ତରଣ କରାଯାଉଛି ବୋଲି କହିଛନ୍ତି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ଯୋଗଦେଇ ବିଦ୍ୟାଳୟର ଚିତ୍ର ବଦଳିଛି ବୋଲି କହିଥିଲେ। ଜିଲା ଶିକ୍ଷାଧିକାରୀ ଡା. ବିଶ୍ୱଜିତ ଘୋଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମର୍ଥ ଶିକ୍ଷକମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ସ୍ମରଣିକା 'ଅନ୍ତର୍ଦୃଷ୍ଟି' ଉନ୍ମୋଚନ ହୋଇଥିଲା। ଜିଲାର କୃତୀ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ବିଭିନ୍ନ ସମୟରେ ସେବା ପ୍ରଦାନ କରିଥିବା ପୂର୍ବତନ ଜିଲା ଶିକ୍ଷାଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଓଷ୍ଟା ସାଧାରଣ ସମ୍ପାଦକ ପ୍ରକାଶ କୁମାର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଶିକ୍ଷାପ୍ରଦୀପ ସମ୍ପାଦକ, ଓଷ୍ଟା ତଥା ପ୍ରଧାନ ଶିକ୍ଷକ ଶଙ୍କର କୁମାର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟର ୪୦୦ ରୁ ଊର୍ଦ୍ଧ୍ୱ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ।

## ଗରିବ ଝିନାଙ୍କୁ ଆବାସ ଯୋଜନାରେ ଗୃହ ଦେବାକୁ ଦାବି

କୋଣାର୍କ,୮।୨(ଡି.ଏନ୍.ଏ.);

ବଉଳାଙ୍ଗ ପଞ୍ଚାୟତ ପାଞ୍ଚଣା ଗ୍ରାମର ଗରିବ ମହିଳା ଝିନା ଗୋଛାୟତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଗୃହ ଯୋଗାଇଦେବାକୁ ସାମାଜିକ କର୍ମୀ ଭାଗୀରଥି ସ୍ୱାଇଁ ପୁରୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମ୍ଭାବ୍ୟ ତାଲିକାରେ ଝିନାଙ୍କ ନାମ ଥିଲା। ଝିନା ଗରିବ ଓ ଆର୍ଥିକ ଅନଗ୍ରସର ହୋଇଥିବାବେଳେ ଚାଳଛପର ଘରେ ୪ ପ୍ରାଣୀ କୁଟୁମ୍ବଙ୍କ ସହ ରହୁଛନ୍ତି। ଝିନାଙ୍କୁ ଏକ ଗୃହ ଯୋଗାଇଦେବାକୁ ସ୍ୱାଇଁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପଞ୍ଚାୟତିରାଜ ମନ୍ତ୍ରୀ, ବିଭାଗୀୟ ସଚିବ ଓ ପୁରୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଝିନାଙ୍କ ନାମ ସମ୍ଭାବ୍ୟ ତାଲିକାରେ ଥିବାବେଳେ ଶେଷ ତାଲିକାରୁ ବାଦ ପଡ଼ିବା ଗରିବ ଲୋକଙ୍କ ପେଟରେ ନାତ ସଦୃଶ ବୋଲି ସ୍ୱାଇଁ କହିଛନ୍ତି। ଝିନାଙ୍କ ଗୃହର ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କୁ ପକ୍କା ଗୃହ ଯୋଗାଇ ଦିଆଯାଉ ବୋଲି ସ୍ୱାଇଁ କହିଛନ୍ତି।

## ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ

କଣାସ,୮।୨(ସ୍ୱ.ପ୍ର.)

କଣାସ ବ୍ଲକ କଲୋନିଠାରେ ବୁଧବାର ୪ର୍ଥ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅକ୍ଷୟ ରାୟସିଂ ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରଭନ ମହାନ୍ତି, ରାଜ୍ୟ ଆବାହକ ସୁକାନ୍ତ ଜେନା, ବ୍ଲକ ଆବାହକ ବିଜୟ ପରିଡ଼ା, ଦିଲ୍ଲୀପ ପରିଡ଼ା, ଗୀତାଞ୍ଜଳି ପ୍ରଧାନ, ନୀଳମଣି ସାମନ୍ତରାୟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଆଦର୍ଶରେ ମାନବସମାଜ ଅନୁପ୍ରାଣିତ ହେଲେ ଗୃହରେ ଶାନ୍ତି ଓ ସୁଖ ରହିପାରିବ। ଆଧାତ୍ମିକ ଅନୁଷ୍ଠାନଗୁଡ଼ିକରେ ଶାନ୍ତି ରଖି ମା'ଙ୍କ ସେବା କରିବା। ଏହି ମନୋଭାବ ରଖିଲେ କର୍ମମୟ ସମାଜର ଉନ୍ନତି ହେବା ସହ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ସଂପୂର୍ଣ୍ଣ ରୂପେ ମୁକ୍ତ ହୋଇପାରିବା ବିଷୟରେ ଆଲୋଚନା ହୋଇଥିଲା। ପାଠଚକ୍ର ସମ୍ମିଳନୀରେ ଶହଶହ ସଂଖ୍ୟାରେ ମାତୃକର୍ମୀ ଭାଇ ଓ ଭଉଣୀ ଯୋଗ ଦେଇଥିଲେ। ପୁଷ୍ପଶ୍ରୀ ପଶ୍ଚିମକବାଟ କୃତଜ୍ଞତା ଅର୍ପଣ କରିଥିଲେ।

## ଜିଲାପାଳ, ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ



ଖବରଦାତା ସମ୍ମିଳନୀରେ ଜାତୀୟ ଦଳିତ ଆଦିବାସୀ ମହାସଂଘ କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

**ପିପିଲି ପ୍ରଶାସନ ଦୋକାନ ଘର ତାଲା ଭାଙ୍ଗିବା ଘଟଣା**

ପିପିଲି,୮।୨(ସ୍ୱ.ପ୍ର.)

ପ୍ରଶାସନିକ ଅଧିକାରୀ ସ୍ଥାନୀୟ ସରପଞ୍ଚ ଓ କେତେକ ବ୍ୟକ୍ତିଙ୍କୁ ନେଇ ବିନା ନୋଟିସରେ ପିପିଲି ବାଇପାସ ଜଗନ୍ନାଥପୁର ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସଠାରେ ଥିବା ୩ ଦୋକାନ ଘର ତାଲା ଭାଙ୍ଗି ଭିତର ଜିନିଷ ପତ୍ର ନଷ୍ଟ କରିଥିଲେ। ଏଭଳି ଘଟଣା ଗତ ୪ତାରିଖ ଅପରାହ୍ନ ୫ଟାରେ ଘଟିଥିବାବେଳେ ଏହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଥିବା ଅଧିକାରୀ ହେଉଛନ୍ତି ପିପିଲି ବ୍ଲକ ବିଡିଓ ରଶ୍ମିତା ନାଥ। ଜଗନ୍ନାଥପୁର ପଞ୍ଚାୟତ ସରପଞ୍ଚ ଓ ଅନ୍ୟ କେତେକ ନେତାଙ୍କ ପ୍ରରୋଚନାରେ ବିଡିଓ ନାଥ ଏଭଳି କରିଥିବା ଦୋକାନୀ ଅଭିଯୋଗ କରିଛନ୍ତି। ସେଠାରେ ଅନ୍ୟ କିଛି ସ୍ଥାନୀୟ ଲୋକେ ନିଜ ନାରେ ଦୋକାନ ଘର ରଖି ନିମାପଡ଼ା ନିର୍ବାଚନ ମଣ୍ଡଳୀ ଲୋକଙ୍କୁ ଭଡ଼ା ସୂତ୍ରରେ ଦେଇଥିବା ଜଣାପଡ଼ିଥିବାବେଳେ କେବଳ ୩ଟି ଦୋକାନ ଘର ତାଲା ଭାଙ୍ଗିବା ଘଟଣା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି। ଏନେଇ ସେଠାରେ ଦୀର୍ଘ ଦିନ ଧରି ଦୋକାନ କରିଥିବା ଜଗନ୍ନାଥପୁର ପଞ୍ଚାୟତ ୬ ନଂ. ୱାର୍ଡ ଡଗରାସାହି ବାସିନ୍ଦା ଜୟନ୍ତ ସ୍ୱାଇଁ, ବାବୁନା ପ୍ରଧାନ, ମଧୁ ସୁଦନ ପ୍ରଧାନ ରାଜ୍ୟ ମାନବ ଅଧିକାର କମିଶନ, ପୁରୀ ଜିଲାପାଳ, ଏସ୍‌ପି, ପୋଲିସ ମହାନିର୍ଦ୍ଦେଶକ ଓ ପିପିଲି ପୋଲିସଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଖବରଦାତା ସମ୍ମିଳନୀ ଜରିଆରେ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେଠାରେ ପୁନର୍ବାର ଦୋକାନ କରିବା ସହ ସମ୍ମିଳନୀରେ ଜାତୀୟ ଦଳିତ ଆଦିବାସୀ ମହାସଂଘ ମଧ୍ୟ ଏହି ଗରିବ ଦୋକାନୀଙ୍କ ନ୍ୟାୟ ପାଇଁ ଦାବୀ କରିଛି। ନ୍ୟାୟ ନ ମିଳିଲେ ଆନ୍ଦୋଳନ ତିବ୍ରତର ହେବ ବୋଲି ସଂଘର ରାଜ୍ୟ ସଭାପତି ବିଜୟ ସେଠୀ ଚେତାବନୀ ଦେଇଛନ୍ତି।

# ବାସିଖାଦ୍ୟ ନଷ୍ଟକଲା ଖାଦ୍ୟ ସୁରକ୍ଷା ଟିମ୍

**୧୩ ହଜାର ଟଙ୍କା ଜରିମାନା ଆଦାୟ**

ପୁରୀ ଅଫିସ, ୮।୨:

ପୁରୀ ସହର ତଥା ସଦର ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନରେ ବୁଧବାର ଜିଲା ଖାଦ୍ୟ ସୁରକ୍ଷା ଟିମ ପକ୍ଷରୁ ଚଢାଉ କରାଯାଇ ବାସିଖାଦ୍ୟ ନଷ୍ଟ କରାଯିବା ସହ ହୋଟେଲ ମାଲିକମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ସଦର ଅଞ୍ଚଳରେ ୫୦ କେଜି ଓଜନର କ୍ଷୀର, ପନିର, ଛେନା ଆଦି ଖାଦ୍ୟକୁ ନଷ୍ଟ କରାଯାଇଛି। ସେହିପରି ଦୋକାନୀମାନଙ୍କଠାରୁ ୧୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଧୂଳି ଓ ଅସୁରକ୍ଷିତ ସ୍ଥାନରୁ ଖାଦ୍ୟ ପଦାର୍ଥକୁ ଦୂରେଇ ରଖିବାକୁ ଦୋକାନୀମାନଙ୍କୁ ଟିମ୍ ପକ୍ଷରୁ ପରାମର୍ଶ ଦିଆଯାଇଛି। ବଳିଆପଣ୍ଡା, ସମୁଦ୍ରକୂଳ ଅଞ୍ଚଳ, ବାଲିଗୁଆଳି ଏବଂ ତାଳବଣିଆ ଅଞ୍ଚଳରେ ଟିମ ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ତେବେ ଯେଉଁମାନେ ଆଇନ ଅବମାନନା କରିବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟିମ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଚଢାଉରେ ଖାଦ୍ୟ ସୁରକ୍ଷା ଅଧିକାରୀ ଦେବଶ୍ରୀ ସାହୁ, ସହକାରୀ ଖାଦ୍ୟ ସୁରକ୍ଷା ଅଧିକାରୀ ଭ୍ରମରବର ଜେନା ଏବଂ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ଘର ସମ୍ମୁଖରୁ ବୋଲେରୋ ଚୋରି

ନିମାପଡ଼ା,୮।୨(ଡି.ଏନ୍.ଏ.) :

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଗଡ଼ଅଣ୍ଡିଆ ଗ୍ରାମଦାଣ୍ଡରୁ ଏକ ବୋଲେରୋ (ନଂ. ଓଆର୍ ୦୨ ବିଭି ୪୧୨୬) ମଙ୍ଗଳବାର ରାତିରେ ଚୋରି ନେଇ ପରଦିନ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୯/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗାଡ଼ିଟି ମାଲିକ ସୌମ୍ୟରଞ୍ଜନ ଦାସଙ୍କ ଘର ସମ୍ମୁଖରେ ମଙ୍ଗଳବାର ରାତିରେ ରଖାଯାଇଥିଲା। ହେଲେ ବୁଧବାର ସକାଳେ ଦେଖିବା ବେଳକୁ ଗାଡ଼ିଟି ନ ଥିଲା। ଏନେକ ଖୋଜାଖୋଜି କରିବା ପରେ ଗାଡ଼ି ନ ପାଇବାରୁ ସୌମ୍ୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗାଡ଼ିଟିକୁ ଠାବ କରିବାକୁ ଜୋରଦାର ଉଦ୍ୟମ ଚଳାଇଥିବା ସୂଚନା ମିଳିଛି।

# ସଚେତନତା ଶୋଭାଯାତ୍ରା, ପଥପ୍ରାନ୍ତ ସଭା




କଣାସ,୮।୨(ସ୍ୱ.ପ୍ର.)

ଜୈବ ବିବିଧତା, ବୃକ୍ଷରୋପଣ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସମ୍ପର୍କିତ ସଚେତନତା ଶୋଭାଯାତ୍ରା ଏବଂ ପଥପ୍ରାନ୍ତ ସଭା ବୁଧବାର ସାନଓରା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରି ସ୍ଲୋଗାନ ଦେଇଥିଲେ। ଆଜିର ଆଧୁନିକ ସମାଜରେ ପରିବେଶର ସୁରକ୍ଷା ଓ ବୃକ୍ଷଲତା ଲଗାଇ ଜୀବନ ରକ୍ଷା କରିବାକୁ ଲୋକଙ୍କୁ ସଚେତନ କରିଥିଲେ। ସାମାଜିକ କର୍ମୀ ପଞ୍ଚାନନ ସାହୁ ଓ ସ୍ୱେଚ୍ଛାସେବୀମାନେ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ପ୍ରଧାନ ଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଶିକ୍ଷାବିତ୍ ହେମନ୍ତ ପ୍ରଧାନ, ସଂଗ୍ରାମ ପ୍ରତାପସିଂ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।

# ରାସ୍ତାରେ ନଳାପାଣି, ଯାତାୟାତରେ ସମସ୍ୟା

ପୁରୀ ଅଫିସ, ୮।୨:



ରାସ୍ତାକୁ ନଳାପାଣି ବୋହି ଆସିଛି ।

ହିନ୍ଦୁଙ୍କ ଚାରିଧାମ ମଧ୍ୟରେ ପୁରୀ ଅନ୍ୟତମ ଶ୍ରେଷ୍ଠ ଧାମ। ରାଜ୍ୟ ସରକାର ପୁରୀ ସହରକୁ ବିଶ୍ୱ ଐତିହ୍ୟ ସହର ଭାବେ ଗଢି ତୋଳିବା ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି। ସେହିପରି ଜିଲା ପ୍ରଶାସନ ସ୍ୱଚ୍ଛ ପୁରୀ ଗର୍ବ ଆମରି ସ୍ଲୋଗାନ ଦେଇ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱ ଦେଉଛି। ମାତ୍ର ସରକାରଙ୍କ ଯୋଜନା ଏବଂ ପ୍ରଚାର ପ୍ରସାରଠାରୁ ବହୁ ଦୂରରେ ପୁରୀ ସହର ଥିବା ପରି ମନେ ହେଉଛି। କାରଣ ଶ୍ରୀମନ୍ଦିରଠାରୁ ଅଳ୍ପ ଦୂର କାକୁଡ଼ିଖାଇ ଆଚାରୀ ମଠ ପାଖରେ ବୁଢ଼ୀ'ମା ଠାକୁରାଣୀଙ୍କ ମନ୍ଦିର ସମ୍ମୁଖ ରାସ୍ତାରେ କିଛି ଦିନ ହେବ ନଳା ପାଣି ଭାସୁଛି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ରାସ୍ତା ଉପରେ ବିଭିନ୍ନ ମଇଳା ଓ ଅପରିଷ୍କାର ଭାସୁଛି। ସ୍ଥାନୀୟ ବାସିନ୍ଦା ଯାତାୟାତ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ଉକ୍ତ ରାସ୍ତା ବଡ଼ଦାଣ୍ଡକୁ ସଂଯୋଗ କରିଛି। ଏହା ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ପ୍ରତିଦିନ ବିଭିନ୍ନ ଯାନବାହନ ଓ ଲୋକେ ଚଳାଚଳ କରିଥାନ୍ତି। ଏପରିକି ଉକ୍ତ ରାସ୍ତା ଦେଇ ଶ୍ରଦ୍ଧାଳୁମାନେ ତୀର୍ଥ ପୁଷ୍କରଣୀ ଶ୍ୱେତଗଙ୍ଗା, ଦକ୍ଷିଣକାଳି ମନ୍ଦିର, ବେଳାଭୂମି, ସ୍ୱର୍ଗଦ୍ୱାରକୁ ଯାଇଥାନ୍ତି। ସେହିପରି ଶ୍ରୀମନ୍ଦିରକୁ ମଧ୍ୟ ଏହି ବାଟ ଦେଇ ଅନେକ ଶ୍ରଦ୍ଧାଳୁ ଯାଇଥାନ୍ତି। ତେବେ ରାସ୍ତାରେ ନଳାପାଣି, ମଇଳା ଆଦି ଭାସୁଥିବାରୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ପର୍ଯ୍ୟଟକମାନେ ନକାରାତ୍ମକ ଭାବନା ନେଇ ଫେରୁଛନ୍ତି। ଏହାସତ୍ତ୍ୱେ ଏଥିପ୍ରତି ପ୍ରଶାସନର ନଜର ପଡୁନାହିଁ। ଏନେଇ ଶ୍ରଜଗନ୍ନାଥ ଭକ୍ତ ପରିଷଦର ଅଧକ୍ଷ ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ଚାରିପାଖରେ ନିର୍ମାଣ କାର୍ଯ୍ୟ ଚାଲିଛି। ପୁରୀ ସହରକୁ ସରକାର ଐତିହ୍ୟ ସହର ଭାବରେ ଗଢି ତୋଳିବା ପାଇଁ ଚେଷ୍ଟା ଚଳାଇଛନ୍ତି। ମାତ୍ର ପୁରୀବାସୀଙ୍କ ସମେତ ଏଠାକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ଯମ ଯନ୍ତ୍ରଣା ଭୋଗୁଛନ୍ତି। ବ୍ରାହ୍ମଣ ଓ ସେବାୟତ ବୁଲି ବୁଲି ମନ୍ଦିରକୁ ଯାଉଛନ୍ତି। ଲୋକଙ୍କ ଯିବାଆସିବା ପାଇଁ ପ୍ରଶାସନ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରୁନାହିଁ। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଭକ୍ତଙ୍କ ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଛି। ତେଣୁ ପ୍ରଶାସନ ସମସ୍ୟାକୁ ଦୃଷ୍ଟିରେ ରଖି ତ୍ୱରିତ ପଦକ୍ଷେପ ନେବା ଉଚିତ ବୋଲି ରଥ କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଏଲିମିନେଶନ ଅଫ୍ ଲିମ୍ଫାଟିକ୍ ଫିଲାରିଆଶିଶ୍ ପ୍ରୋଗ୍ରାମ୍, ସମ୍ମିଳନୀ କକ୍ଷ, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ନାଟାଲା, ରାଜୀବ ଭବନ ପାଖ, ପୂର୍ବାହ୍ନ ୧୧ଟା ୩୦।
- ଇଣ୍ଟରନ୍ୟାଶନାଲ ଫୋରମ ଫର୍ ଇନଭାଇରନମେଣ୍ଟ, ସଷ୍ଟେନବିଲିଟି ଏବଂ ଟେକ୍ନୋଲୋଜି(ଆଇଫରେଷ୍ଟ) ପକ୍ଷରୁ ଖବରଦାତା ସମ୍ମିଳନୀ, ଲେମନ ଟ୍ରି ହୋଟେଲ, ମଧ୍ୟାହ୍ନ ୧୨ଟା ୩୦।
- ଖଣ୍ଡଗିରି ମେଳା, ଖଣ୍ଡଗିରି, ଅପରାହ୍ନ ୨ଟା।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା।
- ଫୁଟବଲ୍ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଜର୍ସି ଲଞ୍ଚ ସେରିମନି, କଳିଙ୍ଗ ଷ୍ଟାଡିୟମ୍, ଅପରାହ୍ନ ୫ଟା।
- ସାହିତ୍ୟିକ ଚନ୍ଦ୍ରଶେଖର ରଥଙ୍କ ୫ମ ସ୍ମାରକୀ ଅଭିଭାଷଣ, ବୁଦ୍ଧ ମନ୍ଦିର, ଅପରାହ୍ନ ୫ଟା ୩୦।
- ପେନ୍ ଇନ୍ ବୁକ୍ସ ପକ୍ଷରୁ ଯୁବ ଲେଖକ ପୁରସ୍କାର, ହୋଟେଲ ଶୀତଲ, ସନ୍ଧ୍ୟା ୬ଟା।
- ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡ଼ା ସଂସଦର ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ଦୁର୍ଗା ପୂଜା ମଣ୍ଡପ, ଭିଙ୍ଗାରପୁର, ରାତି ୭ଟା ୩୦।

କଟକ

- ସାମାଜିକ କର୍ମୀ ଗିରିଜା ଭୂଷଣ ପଟ୍ଟନାୟକଙ୍କ ୯୨ତମ ଜୟନ୍ତୀ ଉତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।

## ଡ୍ରାଇଭରଙ୍କ ଆତ୍ମହତ୍ୟା

### ପୂର୍ବରୁ ୨ ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ

**ଭୁବନେଶ୍ୱର,୮।୨(ବ୍ୟୁରୋ):** ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଏକ ଆପାର୍ଟମେଣ୍ଟରେ ରହୁଥିବା ଜଣେ ଡ୍ରାଇଭର ବୁଧବାର ଫ୍ୟାନ୍‌ରେ ଶାଢ଼ୀ ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ କଟକ ଜିଲା ନିଆଳି ଅଞ୍ଚଳର ତ୍ରିଲୋଚନ ଲେଙ୍କା (୩୮)। ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ନିଶା ପାଇଁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ତାଙ୍କ ସାନ ଭାଇ ଦିବ୍ୟରଞ୍ଜନ ଏତଲାରେ ଉଲ୍ଲେଖ କରିଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତ୍ରିଲୋଚନ କିଛିବର୍ଷ ହେଲା ନିଶା ସେବନ କରୁଥିଲେ। ତେଣୁ ପରିବାର ଲୋକେ ତାଙ୍କୁ ୩ଟି ପର୍ଯ୍ୟାୟରେ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ନିଶା ପାଇଁ ତାଙ୍କ ମାନସିକ ସ୍ଥିତି ମଧ ଭଲ ରହୁ ନ ଥିଲା। ଏପରିକି ପୂର୍ବରୁ ୨ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## ବିଏମ୍‌ସିର ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସକୁ ରଦ୍ଦ କଲେ ହାଇକୋର୍ଟ

**କଟକ ଅଫିସ,୮।୨:** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ଆଦାୟକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଆବେଦନର ଶୁଣାଣି କରି ପୁରୁଣା ମ୍ୟୁନିସିପାଲ ଆଇନ ଅନୁଯାୟୀ ଏହା ହୋଇଥିବାରୁ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। କନ୍‌ଫେଡେରେଶନ ଅଫ୍ ସିଟିଜେନ୍ ଆସୋସିଏଶନ ପକ୍ଷରୁ ଏନେଇ ମାମଲା ରୁଜୁ ହୋଇଥିଲା। ବିଏମ୍‌ସିରେ ୨୦୧୧ରେ ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସକୁ ଆବେଦନରେ ଚ୍ୟାଲେଞ୍ଜ କରାଯାଇଥିଲା। ପ୍ରାଥମିକ ଶୁଣାଣିରେ ହାଇକୋର୍ଟ ଏହି ଟିକସ ଆଦାୟ ଉପରେ ରହିତାଦେଶ ଜାରି କରିଥିଲେ। ଏବେ ଚୂଡ଼ାନ୍ତ ଶୁଣାଣି କରି ମାମଲାର ଅନ୍ତ ଘଟାଇଛନ୍ତି।

# ଓ ଦୁନିଆ କେ ରଖ୍‌ୱାଲେ...

## ରଫି ସଙ୍ଗୀତରେ ମଜ୍ଜିଲେ ଶ୍ରୋତା

ଭୁବନେଶ୍ୱର,୮।୨(ବ୍ୟୁରୋ)

'ଓ ଦୁନିଆ କେ ରଖ୍‌ୱାଲେ...' ଭଗବାନଙ୍କୁ ସ୍ମରଣ କରି ଆରମ୍ଭ ହୋଇଥିଲା ସଙ୍ଗୀତ ସନ୍ଧ୍ୟା 'ୟେ ଶାମ୍ ରଫି କେ ନାମ୍'। ସଙ୍ଗୀତ ବାଦ୍‌ଶାହା ମହମ୍ମଦ ରଫିଙ୍କ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରଫି ସଙ୍ଗୀତରେ ଦିୱାନା ହୋଇଥିଲେ ସବୁ ବର୍ଗର ଲୋକ। କଣ୍ଠଶିଳ୍ପୀ ରଣଦୀପ୍ ପାଲିତ୍, ବନ୍ଦିଶ୍ ପାଲିତ୍, ନାଜିଆ ଆଲାମ୍ ଓ ରଶ୍ମିତା ଗୋଟିଏ ପରେ ଗୋଟିଏ ରଫି ଗୀତ ଗାଇ ଦର୍ଶକଙ୍କୁ ଆନମନା କରିଦେଇଥିଲେ। ବିଶେଷକରି ବିଶିଷ୍ଟ ଗାୟକ ଲକ୍ଷ୍ମୀକାନ୍ତ ପାଲିତ୍‌ଙ୍କ ମୟୂରୀ ଗୋ...ଗୀତ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଛୁଇଁଥିଲା। ରଫି ଗାଇଥିବା ଚାହୁଙ୍ଗା ମେଁ ତୁଝେ..., ମେଁ କଭି କଭି..., ମେରେ ମିତ୍‌ୱା..., ମଧୁବନ୍ ମେଁ..., ସାଜ୍ ହୋ ତୁମ୍..., ଦିୱାନା ହୁଆ ବାଦଲ୍..., ଦିଲ୍ କା ଭୱଁର୍..., ୟେ ଦିଲ୍ ତୁମ୍ ବିନ୍..., ମେଁ ଚଲି ମେଁ ଚଲି.. ଆଦି ଲୋକପ୍ରିୟ ସଙ୍ଗୀତଗୁଡ଼ିକୁ କଣ୍ଠଶିଳ୍ପୀମାନେ ପରିବେଷଣ କରିଥିଲେ। ଇସ୍ ରଙ୍ଗ ବଦ୍‌ଲତି ଦୁନିଆ... ଗୀତରେ ସନ୍ଧ୍ୟା ଶେଷ ହୋଇଥିଲା। କଣ୍ଠଶିଳ୍ପୀମାନେ ରଫିଙ୍କର ପ୍ରାୟ ୩୬ଟି ଗୀତ ଗାଇଥିଲେ। ଏଥିସହ ରଫିଙ୍କ ଗୀତ ସବୁକୁ ମିଶାଇ କଣ୍ଠଶିଳ୍ପୀ ରଣ୍‌ଦୀପ୍‌ଙ୍କ ମେଲୋଡ଼ି ବ୍ୟାକ୍ ଟୁ ବ୍ୟାକ୍ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ତବଲାରେ ପ୍ରେମଶଙ୍କର, ଢୋଲକ ଓ ହ୍ୟାଣ୍ଡଶୋନିକ୍‌ରେ ସମୀର୍, କିବୋର୍ଡରେ ଦେବାଶିଷ ଓ ଚନ୍ଦ୍ରକାନ୍ତ, ଓକ୍ଟାପ୍ୟାଡ୍‌ରେ ଶିବା, ଲିଡ୍ ଗିଟାର୍‌ରେ ପ୍ରଶାନ୍ତ ଏବଂ ବାସ୍ ଗିଟାର୍‌ରେ କିରଣ ସହଯୋଗ କରିଥିଲେ। ସୁଷମା ସଙ୍ଗୀତ ସଦନ ପକ୍ଷରୁ ବୁଧବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ସଞ୍ଜୀବ କୁମାର ଚଢ଼ା, ଦୈନିକ ଖବରକାଗଜ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ ଉପସ୍ଥିତ ଥିଲେ। ଲକ୍ଷ୍ମୀକାନ୍ତ ପାଲିତ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ସଞ୍ଜୀବ କୁମାର ଚଢ଼ା, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ ଓ ଅନ୍ୟମାନେ।



ଦୁଇ କଣ୍ଠଶିଳ୍ପୀ ରଫି ସଙ୍ଗୀତ ଗାନ କରୁଛନ୍ତି। (ଫଟୋ- ବିକାଶ)

## ଇମ୍ରାନ୍ ଅଲ୍ଲୀ ପାଇବେ 'ସମ୍ଭାବୀ ପୁରସ୍କାର'

ଭୁବନେଶ୍ୱର,୮।୨(ବ୍ୟୁରୋ)



ଚଳିତବର୍ଷ ଡ. ଏମ୍‌ଡି ଇମ୍ରାନ୍ ଅଲ୍ଲୀଙ୍କୁ ୧୦ତମ ସମ୍ଭାବୀ ପୁରସ୍କାର ଦିଆଯିବ। ଏ ନେଇ ବୁଧବାର ଏକ ବୈଠକରେ ଜୁରି ସଦସ୍ୟମାନେ ସ୍ଥିର କରିଥିବା ନେଇ ବଂଶୀଧର ଏବଂ ଇଲା ଫାଉଣ୍ଡେଶନ ପକ୍ଷରୁ ସୂଚନାଇଛି। ଡ. ଅଲ୍ଲୀ ନିଶା ନିବାରଣ, ନିଶାମୁକ୍ତ ଶୈଶବ, ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ମିଶନ୍ ଅନ୍ ହୁଇଲ୍ସ, ତମ୍ବାଖୁମୁକ୍ତ ସମାଜ ଓ ନିର୍ଯାତନା ନିରାକରଣ ଆଦି ଉପରେ କାମ କରୁଛନ୍ତି। ପୁରସ୍କାର ବାବଦକୁ ଅଢ଼େଇ ଲକ୍ଷ ଟଙ୍କାର ଅର୍ଥରାଶି ସହ ତାଙ୍କୁ ସମ୍ମାନିତ କରାଯିବ। ସେହିପରି ମାନସିକ ଚାପଗ୍ରସ୍ତ, ଦରିଦ୍ର ତଥା ସମାଜରେ ଅବହେଳିତ ଲୋକଙ୍କୁ ପୁନଃଥଇଥାନ କରିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବଲପୁରର ପରିଚୟ ଫାଉଣ୍ଡେଶନ୍‌କୁ ଜୁରି କମେଣ୍ଡେଶନ୍ ସାର୍ଟିଫିକେଶନ୍ ପୁରସ୍କାର ଦିଆଯିବ। ୫୦ହଜାର ଟଙ୍କାର ଅର୍ଥରାଶି ସହ ଏହି ଫାଉଣ୍ଡେଶନ୍‌କୁ ସମ୍ବର୍ଦ୍ଧିତ କରାଯିବ।

## ବିଧାୟକ, ପୂର୍ବତନ ବିଧାୟକଙ୍କୁ ମାରିଦେବାକୁ ଧମକ

### ଥାନାରେ ମାମଲା

କଟକ ଅଫିସ,୮।୨

ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଓ ତାଙ୍କ ବାପା ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦିଆଯାଇଛି। ତାଙ୍କୁ ବିରୁଦ୍ଧାଚରଣ କରି ଅଶାଳୀନ ମନ୍ତବ୍ୟ, ଧମକପୂର୍ଣ୍ଣ ବାକ୍ୟ ଆଦି ଭିଡିଓ ମାଧ୍ୟମରେ ସୋସିଆଲ ମିଡିଆରେ ପ୍ରସାରିତ କରାଯାଉଛି। ତାଙ୍କୁ ଚିଟ୍‌ଫଣ୍ଡ ଚୋର ବୋଲି ଆଖ୍ୟାୟିତ କରି କଦର୍ଯ୍ୟ ଫଟୋ ଥିବା ପୋଷ୍ଟର ମଧ ଲଗାଯାଉଛି। ଏନେଇ ପ୍ରଭାତ ଚାଉଳିଆଗଞ୍ଜ ଥାନାରେ ଏତଲା ଦେବା ପରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ, ସିଆର୍‌ଆର୍‌ଆଇ, ଚାଉଳିଆଗଞ୍ଜ, ମଧୁପାଟଣା, ମାଲଗୋଦାମ ଥାନା ଅଞ୍ଚଳର କେତେଜଣ ବ୍ୟକ୍ତି ସୌଭିକ୍ ଓ ପ୍ରଭାତଙ୍କ ବିରୋଧରେ ଏଭଳି ଆଚରଣ କରିଛନ୍ତି। ଏବେ ଅଦାଲତରେ ଚିଟ୍‌ଫଣ୍ଡ ମାମଲା ବିଚାରାଧୀନ ଥିବାବେଳେ ଚିଟ୍‌ଫଣ୍ଡ୍ ଚୋର ବୋଲି ଲେଖି ତାଙ୍କ ଫଟୋକୁ କଦର୍ଯ୍ୟ କରି ବିଭିନ୍ନ ଜାଗାରେ ପୋଷ୍ଟର ମାରିବା ଦୁର୍ଭାଗ୍ୟଜନକ। ଏଭଳି ଅଶାଳୀନ ମନ୍ତବ୍ୟ ଓ ବିରୁଦ୍ଧାଚରଣ ଦ୍ୱାରା ତାଙ୍କର ମାନସିକ ସ୍ଥିତି ଠିକ୍ ରହୁ ନ ଥିବା ଓ ତାଙ୍କ ସମ୍ମାନ ହାନି ହେଉଥିବା ସେ ଅଭିଯୋଗ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ଶିକ୍ଷା ଅଧିକାର ଆଇନର ସୁଯୋଗ ନିଅନ୍ତୁ ଅଭିଭାବକ

### ରାଜ୍ୟରେ ସଚେତନତା ସୃଷ୍ଟି କରାଯିବ

ଖୋର୍ଦ୍ଧା ଅଫିସ,୮।୨

ଉତ୍ତମ ଓ ଗୁଣାତ୍ମକ ଶିକ୍ଷା ପ୍ରତ୍ୟେକ ଶିଶୁର ନ୍ୟାଯ୍ୟ ଅଧିକାର। କୌଣସି ପିଲା ଯେପରି ଶିକ୍ଷାରୁ ବଞ୍ଚିତ ନ ହେବେ, ସେହି ଉଦ୍ଦେଶ୍ୟରେ ଦେଶରେ ୨୦୦୯ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହୋଇଛି। ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଶ୍ରେଣୀର ପିଲାଙ୍କୁ ଘରୋଇ ସ୍କୁଲରେ ମାଗଣାରେ ପାଠ ପଢାଇବା ପାଇଁ ୨୫% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ରାଜ୍ୟରେ ଏହି ଆଇନ ୨୦୨୦-୨୧ରେ ପ୍ରଥମ କରି ଲାଗୁ ହୋଇଥିଲା। ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ପିଲା ମାଗଣାରେ ପାଠ ପଢିଲେ। ୨୦୨୧-୨୨ରେ ପ୍ରାୟ ୧୬ ହଜାର ପିଲା ପ୍ରାଇଭେଟ ସ୍କୁଲରେ ମାଗଣାରେ ପଢିବାର ସୁଯୋଗ ପାଇଲେ। ତେବେ ଏହି ଆଇନ ଅନୁଯାୟୀ ରାଜ୍ୟରେ ଅତି କମ୍‌ରେ ୬୦ହଜାରରୁ ଉର୍ଦ୍ଧ୍ୱ ପିଲା ମାଗଣାରେ ପଢ଼ିପାରିବେ। ତେଣୁ ସେହି ପିଲାମାନଙ୍କୁ ତାଙ୍କ ନ୍ୟାର୍ଯ୍ୟ ଅଧିକାର ପ୍ରଦାନ ପାଇଁ ଓଡ଼ିଶା ଅଭିଭାବକ ମହାସଂଘ ଅଣ୍ଟା ଭିଡ଼ିଛି। ଏ ନେଇ ମହାସଂଘ ପକ୍ଷରୁ ସାରା ରାଜ୍ୟରେ ଜନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଯୋଜନାର ସୁଫଳ ଓ ସଚେତନତା ପାଇଁ ଗୁରୁବାର ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଞ୍ଜ ଓ ଉପାଧ୍ୟକ୍ଷ ପ୍ରସନ୍ନ ବିଶୋୟୀ ସୂଚନା ଦେବା ସହ ଅଭିଭାବକମାନେ ଏହି ଯୋଜନାର ସୁଯୋଗ ନେବାକୁ ଆହ୍ୱାନ କରିଛନ୍ତି। ଭଞ୍ଜ ଆହୁରି କହିଲେ ଯେ, ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ତ୍ରୁଟି ସୁଧାର ତଥା ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ମହାସଂଘ ସର୍ବଦା ଲଢ଼େଇ କରିଆସିଛି। ୨୫% ସିଟରେ ଆଡ୍‌ମିଶନ ପାଇଁ ଆସନ୍ତା ଫେବୃୟାରୀ ୧୩ରୁ ପିଲାଙ୍କ ଆବେଦନ ପାଇଁ ପାରଦର୍ଶୀ ପୋର୍ଟାଲ ଖୋଲିବାକୁ ଗଣଶିକ୍ଷା ବିଭାଗ ଚିଠି ମାଧ୍ୟମରେ ନିର୍ଦ୍ଦେଶନାମା ଜାରି କରିଛି। ଏହି ପୋର୍ଟାଲରେ ବର୍ତ୍ତମାନ ପାଇଁ ସ୍କୁଲ ରେଜିଷ୍ଟ୍ରେଶନ ଆରମ୍ଭ ହୋଇଯାଇଛି। ଏହାପରେ ପିଲାମାନେ ଆଡ଼୍‌ମିଶନ ପାଇଁ ଆବେଦନ କରିବେ। ଏହି ବ୍ୟବସ୍ଥାରେ ଆର୍ଥିକ ଅନଗ୍ରସର ଶ୍ରେଣୀର ସମସ୍ତ ଅଭିଭାବକ ସୁଯୋଗ ନେବାକୁ ଭଞ୍ଜ ପରାମର୍ଶ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ସହର ସଂଯୋଜକ ସମ୍ରାଟ ଆରିସଲ, ଖୋର୍ଦ୍ଧା ବ୍ଲକ ସଂଯୋଜକ ନୀଳାଦ୍ରିନାଥ ପ୍ରଧାନ, ଜଟଣୀ ବ୍ଲକ ସଂଯୋଜକ ମାନସ ପତି ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଞ୍ଜ ଓ ଅନ୍ୟମାନେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରଜତ



@ ଭାବଗ୍ରାହୀ



@ ରୁଦ୍ର



@ ଦୀପକ



@ ପୂଜା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୧୦ରୁ ପ୍ରାଚୀ ପରିକ୍ରମା ପଦଯାତ୍ରା

ଭୁବନେଶ୍ୱର, ୮।୨ (ବ୍ୟୁରୋ)



ସ୍ୱାମୀ ସମର୍ପଣାନନ୍ଦ ଗିରି

ଆସନ୍ତା ୧୦ ତାରିଖରୁ ପ୍ରାଚୀ ପରିକ୍ରମା ପଦଯାତ୍ରା ଆରମ୍ଭ ହେବ। ଶ୍ରୀ ଅନ୍ଧକପିଳେଶ୍ୱର ମନ୍ଦିର, କପିଳେଶ୍ୱରପୁର, ଅଡଶପୁରଠାରୁ ଆରମ୍ଭ ହେବାକୁ ଥିବା ଏହି ପରିକ୍ରମାରେ ଓଡ଼ିଶାର ବରେଣ୍ୟ ସନ୍ଥବୃନ୍ଦ ପ୍ରାଚୀ ନଦୀକୂଳରେ ଅବସ୍ଥିତ ଦ୍ୱାଦଶ ମାଧବ, ଦ୍ୱାଦଶ ମଠ, ଦ୍ୱାଦଶ ଋଷିଙ୍କ ଆଶ୍ରମ, ଦ୍ୱାଦଶ ଶକ୍ତିପୀଠ, ଦ୍ୱାଦଶ ଶମ୍ଭୁ ତଥା ଅନେକ ତୀର୍ଥକ୍ଷେତ୍ର ପରିକ୍ରମା କରିବେ। ଏନେଇ ବୁଧବାର ସ୍ୱାମୀ ସମର୍ପଣାନନ୍ଦ ଗିରି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ୧୦ ତାରିଖରେ ପଦଯାତ୍ରୀମାନେ ରାଧାକାନ୍ତ ମଠ, ନୂଆଗାଁ, ୧୧ରେ ଶ୍ରୀମାଧବାନନ୍ଦ ମନ୍ଦିର, ମାଧବ, ୧୨ରେ ଦେଉଳି ମଠ, କାକଟପୁର, ୧୩ରେ କେଲୁଣି ମୁହାଣ ଓ କେଉଟଜଙ୍ଗା, ୧୪ରେ ପ୍ରାଚୀଗୁରୁ ଧର୍ମ କ୍ଷେତ୍ର, ନୂଆମଠ, ନୟାହାଟ, ୧୫ରେ ବୁଦ୍ଧିକେଶ୍ୱର ମନ୍ଦିର, ଦେଉଳିଧରପୁର ଠାରେ ରାତ୍ରି ଯାପନ କରିବେ। ଶେଷରେ ୧୬ରେ ଶ୍ରୀ ଅନ୍ଧକପିଳେଶ୍ୱର ମନ୍ଦିର, କପିଳେଶ୍ୱରପୁରଠାରେ ପୂର୍ଣ୍ଣାହୂତି ଦିଆଯିବ। ଏହି ଅବସରରେ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରାଚୀ ନଦୀରେ ଆଳତି ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଅବକ୍ଷୟମୁଖୀ ନଦୀ ମାତୃକାର ପୁନରୁଦ୍ଧାର ଉଦ୍ଦେଶ୍ୟରେ ୨୦୧୨ରୁ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନ ଓ ପ୍ରେରଣାରେ ଏହି ପ୍ରାଚୀ ପରିକ୍ରମା ପଦଯାତ୍ରା ଓ ପ୍ରାଚୀ ନଦୀ ପୁନରୁଦ୍ଧାର ଦିଗରେ ଜନଜାଗରଣ ଆଣିବା ପାଇଁ ବଳିଷ୍ଠ ପଦକ୍ଷେପ ନିଆଯାଉଛି।



ସମ୍ବଲପୁରର ଘୁନଘୁଟି ପଡ଼ବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଏସ୍‌ସି, ଏସ୍‌ଟି ଆଣ୍ଡ୍ ଓବିସି ମାଇନୋରିଟିସ୍ ଜଏଣ୍ଟ୍ ଆକ୍ସନ କମିଟି ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।




ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ବୁଧବାର ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ଓଡ଼ିଶୀ ଆସରରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ- ମୌସମ୍)

